# ଭୁବନେଶ୍ୱର ସିଟି



### ହୋଟେଲ୍‌ରେ ଦେଉଥିଲା ବଡ଼ବାବୁର ପରିଚୟ

# ବିଶାଖାପଟନମ୍‌ର କୁଖ୍ୟାତ ଠକ ଗିରଫ

**ଭୁବନେଶ୍ୱର, ୨୨।୨(ସମିସ):**

'ମୁଁ କେନ୍ଦ୍ର ସରକାରୀଙ୍କ ଅଧୀନରେ ଥିବା ଏକ ସଂସ୍ଥାର ଅଧିକାରୀ। ଭୁବନେଶ୍ୱରକୁ ଜରୁରୀ କାର୍ଯ୍ୟରେ ବିମାନରେ ଆସିଛି। ଏଠାରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଭେଟି ଆଲୋଚନା କରିବି। ଭଲ ପୋଷାକ ପିନ୍ଧିବା ସହ ହୋଟେଲ କର୍ମଚାରୀଙ୍କ ଭଲ ଇରାଜୀ କହୁଥିଲା'। ଯୁବକର କଥାବାର୍ତ୍ତାରୁ ଜଣେ ବଡ

### ■ ପୂର୍ବରୁ ଠକେଇ ମାମଲାର ଅଗ୍ରଗତି ବୁଝିବାକୁ ଆସି ପୁଣି ଠକୁଥିଲା

ଅଧିକାରୀ ବୋଲି ହୋଟେଲ କର୍ମଚାରୀ ଭାବିଥିଲେ। କିନ୍ତୁ ହୋଟେଲ୍‌ର ଭଡା ଓ କାର୍ ଭଡା ବାବଦରେ ଟଙ୍କା ମାଗିବାରୁ ଖସି ପଳାଉଥିବା ଜଣେ କୁଖ୍ୟାତ ଆନ୍ତଃରାଜ୍ୟ ଠକକୁ ଗିରଫ କରିଛି ଖାରବେଳନଗର ଥାନା ପୁଲିସ। ଗିରଫ ମହାଠକ ଆନ୍ଧ୍ରପ୍ରଦେଶ ବିଶାଖାପଟନମ୍‌ର ସୁଧୀର ବରୋଦା(୨୪)। ତା' ଠାରୁ ଟ୍ରେନ୍ ଟିକଟ୍ ଓ ଦୁଇଟି ଫୋନ୍ ଜବତ ହୋଇଛି। ସେହିପରି ପୂର୍ବରୁ ଅନୁରୂପ ଭାବେ ସୁଧୀର ହୋଟେଲରେ ରହିବା ପରେ ଟଙ୍କା ନ ଦେଇ ଚୁନ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ କମିସନରେଟ ପୁଲିସ ଗିରଫ କରିଥିଲା। ସେଇ ମାମଲାର କୋର୍ଟ ପକ୍ଷରୁ ସୁଧୀରକୁ ଡାକରା ଆସିବାରୁ ମାମଲାର ଅଗ୍ରଗତି ବିଷୟରେ ଭୁବନେଶ୍ୱରକୁ ଆସିଥିଲା। ଏଠାରେ ବି ସମାନ୍ ଧରଣର ଠକେଇ କରିବାକୁ ଯୋଜନା କରୁଥିବା ବେଳେ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ପରେ ତାକୁ କାବୁ କରି ପଚରାଉଚରା ପରେ ଅସଲ ମୁଖା ଖୋଲିଥିଲା।



ସେପଟେ ସୁଧୀର ନାମରେ ଚନ୍ଦ୍ରଶେଖରପୁର ଥାନାରେ ଠକେଇ ମାମଲା ଓ ଖାରବେଳନଗର ଥାନାରେ ଚୋରି ମାମଲା ରହିଛି। ପୁଲିସର କହିବା କଥା, ଗତ ୨୧ ତାରିଖରେ ସୁଧୀର ଟ୍ରେନ ଯୋଗେ ବିଶାଖାପଟନମରୁ ଭୁବନେଶ୍ୱରକୁ ଆସିଥିଲେ। ସେ ଅନ୍‌ଲାଇନରେ ଲାଇଫ ହୋଟେଲ୍ସ ପକ୍ଷରୁ ଖାରବେଳନଗର ଥାନା ଅଞ୍ଚଳରେ ଥିବା ଏକ ତାରକା ହୋଟେଲ ଏକ ରୁମ୍ ବୁକ୍ କରିଥିଲେ। ପରେ ଉକ୍ତ ହୋଟେଲରୁ ଏୟାରପୋର୍ଟକୁ ଗୋଟିଏ କାର ବୁକ୍ କରିଥିଲେ। ଉକ୍ତ ହୋଟେଲ ପକ୍ଷରୁ ଜଣେ ଡ୍ରାଇଭର ଗୋଟିଏ କାର୍ ନେଇ ଏୟାରପୋର୍ଟରେ ପହଞ୍ଚି ସୁଧୀରକୁ ହୋଟେଲ୍‌କୁ ଆଣିଥିଲେ। କିନ୍ତୁ ତାଙ୍କ ଲଗେଜ୍ ବିଷୟରେ ଚାଳକ ପଚାରିବାରୁ ତାଙ୍କ ସହିତ ଆସିଥିବା ଗାର୍ଡମାନେ ପଛ ଗାଡ଼ିରେ ଆଣିବେ ବୋଲି କହିଥିଲେ। ସୁଧୀରକୁ ହୋଟେଲର ମ୍ୟାନେଜର ଅଭିରୂପ ପୋଦ୍ଦାର ହୋଟେଲ ଦେୟ ମାଗିଥିଲେ, କିନ୍ତୁ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ତାଙ୍କର ୟୁପିଆଇ ଦେୟ ବିଫଳ ହୋଇଥିଲା। ନିଜକୁ ବଡ଼ ବାବୁର ପରିଚୟ ଦେଇ ପଛରେ ଟଙ୍କା ଦେବାକୁ ହୋଟେଲର ମ୍ୟାନେଜରକୁ କହିଥିଲେ। ତେବେ ବିଭିନ୍ନ ସମୟରେ ସୁଧୀର ଦେଉଥିବା ପରିଚୟ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏପରିକି ସେ ଦେଇଥିବା ପରିଚୟପତ୍ର ବି ନକଲି ଦେଇଥିଲା। ଏହାପରେ ସୁଧୀର ତାଙ୍କର ଲଗେଜ୍ ଆଣିବା ପାଇଁ ଏୟାରପୋର୍ଟକୁ ଯିବାକୁ କହିବାରୁ ହୋଟେଲ କର୍ତ୍ତୃପକ୍ଷଙ୍କ ସନ୍ଦେହ ବଢ଼ିଥିଲା। ସୁଧୀରକୁ ତାଙ୍କର ଫ୍ଲାଇଟ ବିଷୟରେ ପଚାରି ବୁଝିବାରୁ ସେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଆସିଥିବା କହିଥିଲେ। ପରେ ତାଙ୍କୁ କାବୁକରି ଥାନାରେ ଜିମା ଦିଆଯାଇଥିଲା।

ପୂର୍ବରୁ ବି ସେ ଭୁବନେଶ୍ୱରକୁ ବିଭିନ୍ନ ସମୟରେ ଆସୁଥିଲା। ଏଠାରେ ଠକେଇ ଓ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା। ଜେଲରୁ ଜାମିନ୍‌ରେ ମୁକୁଳି ନିଜ ରାଜ୍ୟ ବିଶାଖାପଟନମକୁ ପଳାଇଥିଲା। ପୁରୁଣା ମାମଲାର ଅଗ୍ରଗତିକୁ ବୁଝିବାକୁ ଆସି ଅନୁରୂପ ଭାବେ ଠକେଇ ଯୋଜନା କରୁଥିବା ବେଳେ ସେ ଫସିଯାଇଥିଲା। କେବଳ ଓଡ଼ିଶାରେ ନୁହେଁ ବିଶାଖାପଟନମ ଓ ଛତିଶଗଡ଼ ଭଳି ରାଜ୍ୟରେ ସୁଧୀର ସମାନ ଭାବେ ଠକେଇ କରି ଗିରଫ ହୋଇ ଜେଲ ଯାଇଛି। ଏହି ଦୁଇଟି ରାଜ୍ୟ ଲାଗି ସେ ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଥିଲେ।

### ମହଙ୍ଗା ପଡ଼ିଲା ଡ୍ରାଇଭରକୁ ଚାକିରିରୁ ବିଦା କରିବା

# ଗ୍ୟାରେଜ୍‌ରେ ନିଆଁ ଲଗାଇଦେଲା ଡ୍ରାଇଭର୍

**ଭୁବନେଶ୍ୱର, ୨୨।୨(ସମିସ):** ଚାଳକକୁ ଚାକିରିରୁ ବିଦା କରିବା କ୍ରିଷ୍ଣାଗାର୍ଡେନ୍‌ରେ ରହୁଥିବା ମାଲିକ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ରାଗରଖି ମାଲିକର ଗ୍ୟାରେଜରେ ନିଆଁ ଲଗାଇଦେବାରୁ କାର୍ ଓ ବାଇକ ଜଳିଯାଇଛି। ଏହି କାରନାମାରେ ସମ୍ପୃକ୍ତ ରହିଥିବା ଚାଳକକୁ ଗୁରୁବାର ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ହାଉସିଂବୋର୍ଡ କଲୋନୀର ଅବଦୁଲ ହାକିମ୍ (୩୫)।



### ■ ଜଳିପୋଡ଼ି ପାଉଁଶ ହୋଇଗଲା କାର୍ ଓ ବାଇକ

ପୁଲିସର କହିବା ଅନୁଯାୟୀ, ଦୀର୍ଘ ୪ ବର୍ଷ ହେବ ଅଜିତ ନାୟକଙ୍କ ନିକଟରେ ହାକିମ୍ ଡ୍ରାଇଭର୍ ଭାବେ ଚାକିରି କରୁଛନ୍ତି। ହାକିମ୍ ପ୍ରଚୁର ମଦ୍ୟପାନ କରିବାରୁ ଗତବର୍ଷ ମେ' ମାସରେ ତାଙ୍କୁ ଚାକିରିରୁ ବିଦା କରିଥିଲେ ଅଜିତ୍। ଏହି ରାଗରଖି ଗତ ୧୯ତାରିଖ ରାତିରେ ଅଜିତଙ୍କ ଘରେ ନିଆଁ ଲଗେଇ ଦେଇଥିଲା ହାକିମ୍। ସିସିଟିଭି ଫୁଟେଜ୍ ଅନୁଯାୟୀ, ରାତି ପ୍ରାୟ ୩ଟାରେ ଜଣେ ବ୍ୟକ୍ତି ମୁହଁରେ ଗାମୁଛା ବାନ୍ଧି ଲୁଚି ଲୁଚି ଆସି ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଘର ମାଲିକ ଉଠିପଡ଼ି ଦେଖିଲା ବେଳକୁ ଅଗଣାରେ ଥିବା ସବୁ ଜଳିପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ହାକିମ୍‌କୁ ସନ୍ଦେହ କରି ଘର ମାଲିକ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଆଧାରରେ ହାକିମ୍‌କୁ ଚିହ୍ନଟ କରିଥିଲା। ଆଜି ତାକୁ ଗିରଫ କରିବା ସହ ଦୁଇଟି ପୋଡ଼ା ଗାଡ଼ି ଜବତ କରିଛି ପୁଲିସ। ସେପଟେ ଘରର କବାଟରେ ନିଆଁ ଲାଗିଯାଇଥିଲା। ଘର ମାଲିକ ନିଦ ଭାଙ୍ଗିଯିବାରୁ ନିଆଁକୁ ଆୟତ୍ତ କରିଥିଲେ। ସେଭଳି ଚାକିରିରୁ ବିଦା କରିବାକୁ ହାକିମ୍ ସହଜରେ ଗ୍ରହଣ କରି ପାରୁ ନ ଥିଲା। ତେଣୁ ମାଲିକ ଠାରୁ ପ୍ରତିଶୋଧ ନେବାକୁ ଏଭଳି କାଣ୍ଡ ଘଟାଇଥିଲା ବୋଲି ପୁଲିସ କହିଛି।

# ଦୁଇଗୋଷ୍ଠୀ ମାର୍‌ପିଟ୍; ୧୦ ଗିରଫ

**ଭୁବନେଶ୍ୱର, ୨୨।୨(ସମିସ):** ଜୟଦେବବିହାର ନିକଟରେ ରହିଥିବା ସ୍ୱର୍ଣ୍ଣ ହସ୍ପିଟାଲ ବେହେରା ବସ୍ତିରେ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ମାମଲାରେ ଦୁଇ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କୁନା ପାତ୍ର, ଗିରିଧାରୀ ନାୟକ, ରୋହିତ ଦିଗାଲ୍, କୈଳାସ ପ୍ରଧାନ, ମନୋଜ ସାହୁ, ଡି.ତ୍ରିପ୍ତି ପାତ୍ର, ଜଗବନ୍ଧୁ ନାୟକ ଓ ସତ୍ୟବାନ ବିଶୋଇ। ବୁଧବାର ବସ୍ତିରେ ଏକ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରୁଥିଲା। ପରେ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ନେବାରୁ ପରିସ୍ଥିତି ଜଟିଳ ହୋଇଥିଲା। ପରେ ଉଭୟ ପକ୍ଷରୁ ମାର୍‌ପିଟ୍‌ରେ କିଛି ପୁରୁଷ ଓ ମହିଳା ଗୁରୁତର ଆହତ ହୋଇଥିଲେ। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ପହଞ୍ଚି ଉଭୟ ଗୋଷ୍ଠୀରୁ ୧୦ଜଣଙ୍କୁ କାବୁ କରାଯାଇଥିଲା। ପରେ ଗୁରୁତର ଆହତଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ସେହିପରି ପତ୍ନୀର ଚରିତ୍ରକୁ ସନ୍ଦେହ କରି ମାର୍‌ପିଟ୍ କରୁଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ କେଶବ ଦାସ। ସେ ପତ୍ନୀକୁ ମାର୍‌ପିଟ୍ କରୁଥିଲା। ଏହାକୁ ନିଜ ପିଲା ଛୁଆ ବିରୋଧ କରିବାରୁ ତାଙ୍କୁ ବି ମାର୍‌ପିଟ୍ କରିଥିଲା। ସେଭଳି ଆଉ ଏକ ମାରପିଟ୍ ମାମଲାରେ ଅଭିଯୁକ୍ତ ସଞ୍ଜୟ କୁମାର ଭୋଇ ଓ ପ୍ରଶାନ୍ତ ବେହେରାକୁ ଗିରଫ କରିଛି ପୁଲିସ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ; ଜଣେ ଗିରଫ

**ଭୁବନେଶ୍ୱର, ୨୨।୨(ସମିସ):** ସହିଦନଗର ଥାନା ପଥରବନ୍ଧ ବସ୍ତିର ଭଡ଼ାରେ ରହୁଥିବା ଜଣେ ମହିଳା ଅନ୍ୟଜଣେ ବାଟୋଇଙ୍କୁ ଠିକଣା କହିବାରୁ ଘର ମାଲିକ ତାଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଛି। ଥାନାରେ ଅଭିଯୋଗ ହେବା ପରେ ପୁଲିସ ସୁନୀଲ ସିଂକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଶ୍ରମିକ ଶ୍ରେଣୀର ଜଣେ ମହିଳା ୨ପିଲାଙ୍କ ସହିତ ଗତ ୧୫ଦିନ ପୂର୍ବରୁ ପଥରବନ୍ଧ ବସ୍ତିରେ ଥିବା ଅଭିଯୁକ୍ତଙ୍କ ଘରେ ଆଶ୍ରୟ ନେଇଥିଲେ। ଗତ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗାରିଣୀ ଘର ନିକଟରେ ଠିଆ ହୋଇଥିବା ବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଠିକଣା ପଚାରି ବୁଝିବାରୁ ସେ ତାଙ୍କୁ ଠିକଣା କହିଥିଲେ। ସୁନିଲ ଆସି ମହିଳାଙ୍କୁ ଅଜଣା ବ୍ୟକ୍ତିଙ୍କ ସହିତ କଥା ହେଉଥିବାର କାରଣ ପଚାରିବା ସହଚାଠ ଫାଳିଆରେ ମାଡ଼ ମାରିଥିଲେ। ଅଭିଯୋଗକାରିଣୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ।

# ପୁଣି ଧରାପଡ଼ିଲେ ୧୪ ମଦୁଆ ଡ୍ରାଇଭର୍

### ଏଣିକି ଦ୍ୱୈତନଗରୀରେ ସବୁଦିନ ଧରପଗଡ଼

**ଭୁବନେଶ୍ୱର, ୨୨।୨(ସମିସ):** ଦ୍ୱୈତନଗରୀରେ ମଦ୍ୟପ ଚାଳକଙ୍କୁ ଧରିବାକୁ କମିସନରେଟ୍ ପୁଲିସ ପକ୍ଷରୁ ସବୁଦିନ ହେବ ଧରପଗଡ଼। ଆଗରୁ ପ୍ରତ୍ୟେକ ଶନି ଓ ରବିବାର ଏହାକୁ ଗୁରୁତ୍ୱ ଦିଆଯାଇ ଯାଞ୍ଚ ହେଉଥିଲା। ଏହାକୁ ବଦଳାଇ ସବୁଦିନ ସହରରେ ନାକାବନ୍ଦୀ କରି ମଦ୍ୟପ ଚାଳକଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନେବା ସହ ଗାଡ଼ି ଜବତ କରିବାକୁ କୁହାଯାଇଛି। ଏହିକ୍ରମରେ ବୁଧବାର ପୁଣି ୧୪ଜଣ ମଦ୍ୟପ ଚାଳକଙ୍କୁ ଧରିଛି କମିସନରେଟ୍ ପୁଲିସ। ସେମାନଙ୍କ



ନାମରେ ମାମଲା ରୁଜୁ କରିବା ସହ ଗାଡ଼ିଗୁଡ଼ିକୁ ଜବତ କରିଛି। ଲକ୍ଷ୍ମୀସାଗର ୭ଜଣ, ଚନ୍ଦ୍ରଶେଖରପୁର ଓ ସହିଦନଗର ଥାନା ଅଞ୍ଚଳରୁ ୨ଜଣ ଲେଖାଏଁ ଏବଂ ଖଣ୍ଡଗିରି, କ୍ୟାପିଟାଲ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଜଣେ ଲେଖାଏଁ ମଦ୍ୟପ ଚାଳକ ଧରାପଡ଼ିଛନ୍ତି। ବୁଧବାର ରାତିରେ ଝାରପଡ଼ା ଗୋଲେଇ ଛକ, ଭିଏସ୍ଏସ୍‌ନଗର ଛକ, କିଟ୍ ଛକ, ନନ୍ଦନକାନନ ରୋଡ୍‌ରେ ଥିବା ତାନିସ୍କ କଟ୍ ପଏଣ୍ଟ, ପୁରୁଣା ମଞ୍ଚେଶ୍ୱର ଥାନା ଛକ, ରାଜମହଲ, ରବିଟକିଜ, ପୋଖରୀପୁଟ, ଡେଲ୍‌ଟା ସିଆର୍‌ପି ଛକରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ସେହିପରି ଚଳିତବର୍ଷ ଦ୍ୱୈତନଗରୀରେ ୫୦୦ରୁ ଅଧିକ ମାମଲା ହୋଇଛି। ମଦ ପିଇ ଗାଡ଼ି ଚଳାଇବା, ବିପରୀତ ଦିଗ (ରଙ୍ଗ୍‌ରୁଟ୍)ରେ ଗାଡ଼ି ଚଳାନା, ନାଲିବତି ଡେଇଁବା ଓ ମୋବାଇଲ ଫୋନ୍ ଗପି ଗାଡ଼ି ଚଳାଉଥିବାରୁ ଚାଳକଙ୍କ ବିରୋଧରେ ଧରପଗଡ଼ ଜାରି ରହିଛି। ଧରାପଡ଼ିଥିବା ମଦ୍ୟପଙ୍କ ବିରୋଧରେ ଲାଗିଥିବା ଦଫା ୭ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁ କରି ଛାଡ଼ି ଦିଆଯାଇଛି। କିନ୍ତୁ ସେମାନେ ବ୍ୟବହାର କରୁଥିବା ଗାଡ଼ିଗୁଡିକୁ ଜବତ କରାଯାଇଛି। ସେମାନେ କୋର୍ଟରୁ ଅନୁମତି ଆଣିବା ପରେ ଗାଡ଼ିଗୁଡିକୁ ମୁକୁଳାଇ ନେଇପାରିବେ। କିନ୍ତୁ ପରବର୍ତ୍ତୀ ସମୟରେ ମଦ୍ୟପ ଚାଳକମାନେ ଗିରଫ ହୋଇ ଜେଲ୍ ବି ଯିବେ ବୋଲି କୁହାଯାଇଛି। ସେହିପରି ମଦ୍ୟପ ଚାଳକ ଲାଇସେନ୍ସ ରଦ୍ଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଯାବତ୍ ୧୦୦ରୁ ଅଧିକ ଚାଳକଙ୍କ ଲାଇସେନ୍ସ ବାତିଲ୍ କରିବାକୁ ପରିବହନ ବିଭାଗକୁ ଚିଠି ଲେଖି ଅବଗତ କରାଯାଇଛି।

### ବିଏମ୍‌ସିର କଣ୍ଟ୍ରାକ୍ଟସ କମିଟି ବୈଠକ

# ତିନି ପ୍ରସ୍ତାବରେ ୨୮ ପ୍ରକଳ୍ପ ମଞ୍ଜୁର

**ଭୁବନେଶ୍ୱର, ୨୨।୨(ସମିସ):** ବିଏମ୍‌ସି ପକ୍ଷରୁ ଗୁରୁବାର ଚଳିତ ମାସର କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଙ୍ଗ୍ କମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେୟର୍ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏବଂ କମିସନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଏହି ବୈଠକରେ ୩ ପ୍ରସ୍ତାବ ଆଗତ କରାଯାଇଥିଲା। ସମସ୍ତ ପ୍ରସ୍ତାବରେ ୨୮ ପ୍ରକଳ୍ପକୁ କମିଟି ମଞ୍ଜୁରୀ ମିଳିଛି। ପ୍ରସ୍ତାବଗୁଡ଼ିକ ମଧ୍ୟରେ ବିଭିନ୍ନ ରାସ୍ତା ସାଙ୍ଗକୁ ବକ୍ସ ଡ୍ରେନ୍, ଲେପ୍ରୋସୀ କଲୋନୀ ଗୃହ, ଡ୍ରେନ୍ ସଫେଇ, ଟିଟିଏସ୍‌ର ଭିତ୍ତିଭୂମି ବିକାଶ, ବିଭିନ୍ନ ସ୍ଥାନରେ ବକ୍ସ ଡ୍ରେନ୍, ମେଡିଆନ୍ ସବୁଜୀକରଣ ଇତ୍ୟାଦି ଅର୍ନ୍ତଭୁକ୍ତ। ପ୍ରଥମ ପ୍ରସ୍ତାବ କ୍ରମରେ ୧୬ଟି ପ୍ରକଳ୍ପ ନିମନ୍ତେ ପ୍ରାୟ ୫୦ କୋଟି ଟଙ୍କା, ଦ୍ୱିତୀୟ ପ୍ରସ୍ତାବରେ ୧୧ପ୍ରକଳ୍ପର ପ୍ରାୟ ୨୮.୬୩ କୋଟି ଏବଂ ପ୍ରସ୍ତାବ ୩ ଅଧୀନରେ ମେଡିଆନ ସବୁଜୀକରଣ ନିମନ୍ତେ ପ୍ରାୟ ୨କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ସହରର ବିକାଶକୁ ତ୍ୱରାନ୍ୱିତ କରିବାକୁ ବିଏମ୍‌ସିର ନିରନ୍ତର ପ୍ରୟାସ ସମସ୍ତ କ୍ଷେତ୍ରରେ ଜାରିରହିଛି। ଭିତ୍ତିଭୂମି ବିକାଶକୁ ସମସ୍ତ ଦିଗରୁ ପରିପୂର୍ଣ୍ଣ କରିବାକୁ ପ୍ରତ୍ୟେକ ସମୟରେ ନାଗରିକମାନଙ୍କ ଯୁକ୍ତିଯୁକ୍ତ ଆବଶ୍ୟକତା ଏବଂ ବିକାଶର ମାଇଲଖୁଣ୍ଟକୁ ଅଧିକରୁ ଅଧିକ ସମୃଦ୍ଧ କରିବାରେ ବିବିଧ କାର୍ଯ୍ୟ ହାତକୁ ନିଆଯାଉଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର ଭାରତୀ ସିଂଙ୍କ ସମେତ କେ.ଶାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬୩ ଲକ୍ଷ ଠକେଇ; ଜଣେ ଗିରଫ

**ଭୁବନେଶ୍ୱର, ୨୨।୨(ସମିସ):** ଜମି ଦେବାକୁ କହି ୬୩ ଲକ୍ଷ ଟଙ୍କା ଠକେଇ ମାମଲାରେ ଠକକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଚନ୍ଦକାର ଦେବାଶିଷ ନରେନ୍ଦ୍ର (୫୯)। ଅଭିଯୋଗ ଅନୁଯାୟୀ, ୨୦୧୬ ମସିହାରେ ଅଭିଯୋଗକାରୀ ବଡ଼ଗଡ଼ ଥାନା ଅଞ୍ଚଳରେ ଜମି କିଣିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ। ଜମି କିଣିବା ବିବାଦକୁ ୬୩ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଜମି ନ ଦେଇ ଦେବାଶିଷ ଓ ନିଜ ଭଣଜା ଅଭିଯୋଗକାରିଣୀଙ୍କ ଠାରୁ ଠକେଇ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପୂର୍ବରୁ ଜଣେ ଗିରଫ ହୋଇଥିବା ବେଳେ ଆଜି ଦେବାଶିଷକୁ କାବୁ କରିଛି ପୁଲିସ।

# ପାଣି କମ୍ପାନୀରେ କର୍ମଚାରୀ ପିଟାପିଟି

**ଭୁବନେଶ୍ୱର, ୨୨।୨(ସମିସ):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ପାଣି କମ୍ପାନୀରେ ଦୁଇ କର୍ମଚାରୀ ପିଟାପିଟି ହୋଇଛନ୍ତି। ଛୋଟ କଥାକୁ କେନ୍ଦ୍ରକରି ଦୁଇ କର୍ମଚାରୀ ପିଟାପିଟି ହୋଇଛନ୍ତି। ଜଣେ କର୍ମଚାରୀଙ୍କ ଇଟା ମାଡ଼ରେ ଅନ୍ୟ ଜଣେ କର୍ମଚାରୀଙ୍କ ମୁଣ୍ଡ ଫାଟିଯାଇଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ରାଜଧାନୀରେ ନିଶା ମାଫିଆଙ୍କ ଉତ୍ପାତ

## ହୋଲି ପାଇଁ ବିହାରରୁ ଆସିଥିଲା ଭାଙ୍ଗ

● ୫ କ୍ୱିଣ୍ଟାଲ ଭାଙ୍ଗ ଜବତ; ୩ ଗିରଫ

**ଭୁବନେଶ୍ୱର, ୨୨।୨(ସମିସ):** ହୋଲି ଲାଗି ବିହାରରୁ ଭୁବନେଶ୍ୱରକୁ ଆସିଥିଲା ଭାଙ୍ଗ। ମାତ୍ର ଭାଙ୍ଗ ବିକ୍ରି କରିବା ପୂର୍ବରୁ ଛାପା ମାରିଛି ଅବକାରୀ ୟୁନିଟ୍। ବାଲିପାଟଣା ମହୁଖଣ୍ଡା ଗାଁରେ ଗୁରୁବାର ଚଢ଼ଉ କରି ୫୨୦ କିଲୋ ଭାଙ୍ଗ ଜବତ କରିଛି ଅବକାରୀ ବିଭାଗ। ଏଥିରେ ସମ୍ପୃକ୍ତି ରହିଥିବା ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣଚନ୍ଦ୍ର ବେହେରା (୬୪), ପ୍ରଫୁଲ୍ଲ ବେହେରା (୫୩) ଓ ଦିଲ୍ଲୀପ ବେହେରା(୩୬)। ଜବତ ଭାଙ୍ଗର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା। ଅବକାରୀ ଇନ୍ସପେକ୍ଟର ବିକାଶ ନାୟକ କହିବା ଅନୁଯାୟୀ, ହୋଲିରେ ହେବାକୁଥିବା ପଣାରେ ଏହି ଭାଙ୍ଗ ପଡ଼ିଥାନ୍ତା। ତେଣୁ ନିଶା ବେପାରୀମାନେ ବିହାରରୁ ଭାଙ୍ଗ ଆଣି ଭୁବନେଶ୍ୱରରେ ବିକ୍ରି କରିବାକୁ ଯୋଜନା କରୁଥିଲେ। ଭୁବନେଶ୍ୱର ସମେତ ପୁରୀ ଓ କଟକ ଏବଂ ଖୋର୍ଦ୍ଧାରେ ବିକ୍ରି କରିଥାନ୍ତେ। ସେଠାରୁ ଭାଙ୍ଗ କିଲୋ ପିଛା ୧୦୦ ଟଙ୍କାରେ କିଣି ଏଠାରେ ୫୦୦ ଟଙ୍କାରେ ବିକ୍ରି କରୁଥିଲେ। ବିହାରରୁ ୫ କ୍ୱିଣ୍ଟାଲ ଭାଙ୍ଗକୁ ଟ୍ରେନ୍‌ରେ ଭୁବନେଶ୍ୱର ଆଣିଥିଲେ। ରେଳ ଷ୍ଟେସନରୁ ଗଳାବାଟ ଦେଇ ମହୁଖଣ୍ଡା ଗାଁରେ ପହଞ୍ଚିଥିଲା। ସେଠାରେ ଏକ ଗୋଦାମ କରି ବସ୍ତାଗୁଡ଼ିକୁ ଗଚ୍ଛିତ କରି ରଖାଯାଇଥିଲା। ଅବକାରୀ କର୍ମଚାରୀ ଖବରପାଇଁ ଗ୍ରାହକ ବେଶରେ ସେଠାରୁ ଯାଇ ଭାଙ୍ଗ କିଣିବାକୁ ଡିଲ୍ କରିଥିଲା। ଗୁରୁବାର ସକାଳେ ଚଢ଼ଉ କରିଥିଲା ଅବକାରୀ ୟୁନିଟ୍। ଘର ଭିତରୁ ବସ୍ତାବସ୍ତା ଭାଙ୍ଗ ଜବତ କରାଯାଇଥିଲା।





## ୨୫ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

### ୬ ମାସ ତଳେ କାର୍ ସହ ଧରାପଡ଼ିଥିଲା ଅଭିଯୁକ୍ତ

**ଭୁବନେଶ୍ୱର, ୨୨।୨(ସମିସ):** ରଙ୍ଗବଜାର ଛକରୁ ପୁଣି ଜଣେ ନିଶା ବେପାରୀକୁ ଗିରଫ କରିଛି ଅବକାରୀ ୟୁନିଟ୍। ଗିରଫ ଅଭିଯୁକ୍ତ ହେଲା ରମେଶ ପ୍ରଧାନ (୩୦)। ତା' ଠାରୁ ୨୫ କିଲୋ ଗଞ୍ଜେଇ ଜବତ ହୋଇଛି। ରମେଶ ଗଞ୍ଜେଇ ନେଇ ଗ୍ରାହକଙ୍କୁ ଦେବାକୁ ଯାଉଥିବା ବେଳେ ପ୍ରାୟ ୨ କିଲୋମିଟର ପିଛା କରି କାବୁ କରିଥିଲା ପାଟ୍ରୋଲିଂ ୟୁନିଟ୍। ସେହିପରି ୬ମାସ ତଳେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ରମେଶ କାର୍ ସହ ଧରାପଡ଼ିଥିଲା। ସପ୍ତାହ ତଳେ ରମେଶ ଜେଲ୍‌ରୁ ଜାମିନ୍‌ରେ ମୁକୁଳି ପୁଣି ଗଞ୍ଜେଇ କାରବାରରେ ସଂଶ୍ଳିଷ୍ଟ ରହିଥିଲା। ଅନୁରୂପ ଭାବେ ରମେଶ ଏକ ନୂଆ ବାଇକ୍ କିଣିଥିଲା। ସେଇ ବାଇକରେ ଗଞ୍ଜେଇ ନେଇ ଭୁବନେଶ୍ୱର ସମେତ ଆଖପାଖ ଜିଲ୍ଲାରେ ବିକ୍ରି କରୁଥିଲା। ଗଞ୍ଜେଇ କିଣି ଘରେ ଗଚ୍ଛିତ ରଖୁଥିଲା। ଛୋଟଛୋଟ ବେପାରୀଙ୍କୁ ଗଞ୍ଜେଇ ଯୋଗାଉଥିଲା। ଗୁରୁବାର ଗଞ୍ଜେଇ ନେଇ ଗ୍ରାହକଙ୍କୁ ଦେବାକୁ ରମେଶ ଯାଉଥିବା ବେଳେ ରଙ୍ଗବଜାର ଛକରେ କାବୁ କରାଯାଇଥିଲା। ସେ ବାରମ୍ବାର ଜେଲ ଯାଇ ଜାମିନ୍‌ରେ ମୁକୁଳୁ ପୁଣି ନିଶା କାରବାର କରୁଥିବାରୁ ତାକୁ ପେସାଦାର ନିଶା ମାଫିଆ ଭାବେ ଘୋଷଣା କରିବାକୁ କୋର୍ଟଙ୍କୁ ଆବେଦନ କରିଛି ଅବକାରୀ ୟୁନିଟ୍।

## ୩୦ ବୋତଲ ଆସ୍କାଫର୍ଟ ଜବତ, ଜଣେ ଗିରଫ

**ଧଉଳି, ୨୨।୨(ସମିସ):** ଧଉଳି ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇ ନିଶା କାରବାରରେ ଲିପ୍ତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଇଟିପୁର ଅଞ୍ଚଳର ବାବୁଲା ଦାସ(୫୨)। ସେ ଗ୍ରାମ ନିକଟ ଦୟାନଦୀ ବନ୍ଧ ଉପରେ ଠିଆ ହୋଇ ବ୍ୟବସାୟ ଚଳାଇଥିବା ବେଳେ ପୁଲିସ ଚଢ଼ଉ କରି ତାକୁ ସେଠାରୁ ଧରିଥିଲା। ପୁଲିସ ତା' ଠାରୁ ୩୦ ବୋତଲ ଆସ୍କାଫର୍ଟ ଜବତ କରିଛି।

## ମଦ ବେପାରୀ ଗିରଫ

**ନନ୍ଦନକାନନ, ୨୨।୨(ସମିସ):** ଚୋରା ଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଜଣକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଗଣ୍ଡରପୁର



ଗ୍ରାମ ମଝିସାହିର ମଙ୍ଗରାଜ ରାଉତ ଓରଫ ମଙ୍ଗୁ (୫୩)। ମଙ୍ଗୁ ଦୀର୍ଘବର୍ଷ ହେବ ଏହି ଚୋରା ଦେଶୀମଦ କାରବାର କରିଆସୁଥିଲା। ଗତକାଲି ଚୋରା ଦେଶୀମଦ ଏକ ସ୍କୁଟିରେ ଆଣୁଥିବା ବେଳେ ବିଶେଷସୂତ୍ରରୁ ଖବର ପାଇ ପଦାସାହି ଲେବଲ କ୍ରସିଂଠାରେ ତାକୁ ପୁଲିସ ଧରିଥିଲା। ଯାଞ୍ଚବେଳେ ତା' ନିକଟରୁ ୪୫ ଲିଟର ଦେଶୀମଦ ସହ ସ୍କୁଟିକୁ ଜବତ କରାଯାଇଥିଲା।

## ଧରାପଡ଼ିଲା ମଦ ବେପାରୀ

**ବାଲିଅନ୍ତା, ୨୨।୨(ସମିସ):** ବାଲିଅନ୍ତା ଥାନା ପୁଲିସ ବେଆଇନ ମଦ ବିକ୍ରୟ କରିବା ଅଭିଯୋଗରେ ଏୟାରଫିଲଡ୍ ଥାନା ଅଧୀନ କପିଳ ପ୍ରସାଦ ଅଞ୍ଚଳର ସୁଚିତ୍ର ମଲ୍ଲିକ ଓରଫ ତପନ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ କୋର୍ଟରେ ସୁଚିତ୍ର ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ନଂ ୬୭/୨୪ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଭିଙ୍ଗାରପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଛକରେ ଅତର୍କିତ ଚଢ଼ଉ କରିବା ସହିତ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରୟ ଅଭିଯୋଗରେ ସୁଚିତ୍ରକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ୍ ସମୟରେ ପୁଲିସ ସୁଚିତ୍ର ନିକଟରୁ ସମୁଦାୟ ୫ଲିଟର ଆସ୍କା-୪୦ ଦେଶୀମଦ ଏବଂ ୨.୩୪ ଲିଟର ବିଦେଶୀ ମଦ ଜବତ କରିଥିଲେ।



# ଭୁବନେଶ୍ୱର ସିଟି

## ଗାଡ଼କଣରେ ସୁଲଭ ଗୃହ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ

**ଭୁବନେଶ୍ୱର, ୨୨।୨(ସମିସ):** ଭୁବନେଶ୍ୱରର ଗାଡ଼କଣ ମୌଜାରେ ଏକ ସୁଲଭ ମୂଲ୍ୟ ଗୃହ ନିର୍ମାଣ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପକୁ ଗୁରୁବାର କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ମାଧ୍ୟମରେ ମୋଟ ୩୫୧ଗୃହ ନିର୍ମାଣ କରାଯିବ। ଯେଉଁଥିରେ ମଧ୍ୟମ ଆୟକାରୀ ବର୍ଗଙ୍କ ପାଇଁ ୨୧୬ ଗୃହ ରହିବ। ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ୧୧୫, ଆର୍ଥିକ ଦୁର୍ବଳ ଶ୍ରେଣୀ ବର୍ଗ ୨୦ଗୃହ ରହିଛି। ଏହାସହ ଏଥିରେ ୨୫ଟି ଦୋକାନ ଗୃହ ନିର୍ମାଣ ପାଇଁ ଯୋଜନା ରହିଛି। ଏହି ପ୍ରକଳ୍ପ ଇପିସି ମାଧ୍ୟମରେ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଗତବର୍ଷ ୧୦ ଅକ୍ଟୋବରରେ ଟେଣ୍ଡର ଆହ୍ୱାନ କରିଥିଲା। ଏହି ଟେଣ୍ଡର ପ୍ରକ୍ରିୟା ଶେଷରେ ଶ୍ରୀ ବାଲାଜୀ ଇଞ୍ଜିକନ୍ସ ଲିମିଟେଡ୍ ଏଲ୍୧ ବିଡର୍ ବିବେଚିତ ହୋଇଥିଲା। ରାଜ୍ୟ କ୍ୟାବିନେଟ 'ଶ୍ରୀ ବାଲାଜୀ ଇଞ୍ଜିକନ୍ସ ଲିମିଟେଡ୍'କୁ ୧୩୪, ୮୫, ୦୦, ୦୦୦/- ମୂଲ୍ୟରେ ଲୋଏଷ୍ଟ ବିଡର ଏଲ୍ଓ୍ୱାନ୍ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମୋଦନ କରିଛନ୍ତି। ଉପରୋକ୍ତ କାର୍ଯ୍ୟ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି।

## ସହରାଞ୍ଚଳ ଇପିଏଫ୍ ପେନ୍‌ସନଧାରୀଙ୍କୁ ବିଏସ୍‌କେୱାଇରେ ସାମିଲ୍ ଦାବି

**ଭୁବନେଶ୍ୱର, ୨୨।୨(ସମିସ):** ଗ୍ରାମାଞ୍ଚଳ ଭଳି ସହରାଞ୍ଚଳରେ ବସବାସ କରୁଥିବା ଇପିଏଫ୍ ପେନସନଧାରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବାକୁ ଦାବି କରିଛି ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ। ସଂଗଠନ ପକ୍ଷରୁ କୁହାଯାଇଛି ଯେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଗ୍ରାମାଞ୍ଚଳରେ ରହୁଥିବା ଇପିଏନ୍ ପେନସନଧାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲା। ଏହା କାର୍ଯ୍ୟକାରୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସଂଗଠନ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ଗରିବ ଅବହେଳିତ ସମାଜ ପାଇଁ ଏହା ଏକ ଯୁଗାନ୍ତକାରୀ ଯୋଜନା। ସହରାଞ୍ଚଳରେ ଥିବା ଏହି ବର୍ଗର ପେନ୍‌ସନଧାରୀ ବରିଷ୍ଠ ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ଚାତକ ଭଳି ଅପେକ୍ଷା କରିଛନ୍ତି। ସହରାଞ୍ଚଳରେ ବସବାସ କରୁଥିବା ଇପିଏଫ୍ ପେନସନଧାରୀ ବରିଷ୍ଠ ନାଗରିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯଥାଶୀଘ୍ର ଅନ୍ତର୍ଭୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ନିକଟରେ ଦାବି କରାଯାଇଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଜଣାଇଛନ୍ତି।

## 'ସମାଲୋଚନା ନୁହେଁ; ମାତୃଭାଷାର ଉନ୍ନତି ପାଇଁ ମିଳିତ ପ୍ରୟାସ ଲୋଡ଼ା'

**ଭୁବନେଶ୍ୱର, ୨୨।୨(ସମିସ):** ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ ଦି ଇଣ୍ଟେଲେକ୍ଟସ୍ ଆନୁକୂଲ୍ୟରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀର ଦ୍ୱିତୀୟ ଦିବସରେ 'ଓଡ଼ିଆ ଭାଷାର ସମସ୍ୟା ଓ ତା'ର ସମାଧାନ' ଶୀର୍ଷକ ଆଭାସୀ ଆଲୋଚନାରେ ବିଶ୍ୱର ବିଭିନ୍ନ କୋଣରୁ ମାତୃଭାଷା ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ଫୋରମ୍‌ର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଷାବିତ୍ ପ୍ରଫେସର ବି ଏନ୍ ପଟ୍ଟନାୟକ, ଓଡ଼ିଆ ଭାଷାର କମ୍ପ୍ୟୁଟର ଲିପି ବିଶେଷଜ୍ଞ ସୁଧୀର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କୃତ୍ରିମ ବୁଦ୍ଧିମତା ବିଶେଷଜ୍ଞ ଆମେରିକାରୁ ଅଞ୍ଜନ କୁମାର ପଣ୍ଡା ଯୋଗଦେଇଥିବା ବେଳେ ଇଂଲଣ୍ଡରୁ ଶିବ ପ୍ରସାଦ ବିଶ୍ୱାଳ, ଦିଲ୍ଲୀରୁ ପ୍ରଫେସର ଉଦୟ ନାଥ ସାହୁ, ଭୁବନେଶ୍ୱରରୁ ପ୍ରଫେସର ବସନ୍ତ କୁମାର ପଣ୍ଡା, କାନାଡ଼ାରୁ ଡ. ସୁନନ୍ଦା ମିଶ୍ର ପଣ୍ଡା, ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟରୁ ଡ. ଇନ୍ଦ୍ରମଣି ସାହୁ ପ୍ରମୁଖ ରାଜ୍ୟ ଏବଂ ଦେଶ ବାହାରୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ଚ୍ୟାଲେଞ୍ଜିଂ ଷ୍ଟାର୍ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ




**ଭୁବନେଶ୍ୱର, ୨୨।୨(ସମିସ):** ଚ୍ୟାଲେଞ୍ଜିଂ ଷ୍ଟାର୍ ପବ୍ଲିକ୍ ସ୍କୁଲ, ପୋଖରୀପୁଟର ଷଷ୍ଠ ବାର୍ଷିକ ଉତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା, ଅବସରପ୍ରାପ୍ତ ଗୃହ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ବ୍ରହ୍ମା, ଅବସରପ୍ରାପ୍ତ ସଙ୍ଗୀତ ଏକାଡେମୀ ସମ୍ପାଦକ ଚିତ୍ତରଞ୍ଜନ ମାଲିଆ, ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଗଣବନ୍ଦନା ଗାନ ଓ 'ଭାରତ୍ କା ବଚ୍ଚା' ପରିବେଷିତ ହୋଇଥିଲା। ପରେ ସାଇଶ୍ରୀ ଦାଶ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରିୟଦର୍ଶିନୀ ମହାପାତ୍ର, ସ୍ୱର୍ଣ୍ଣପ୍ରଭା ମହାପାତ୍ର ପରିଚାଳନା କରିଥିବା ବେଳେ ସ୍କୁଲର ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସରୋଜିନୀ ତ୍ରିପାଠୀ ଏବଂ ଦେବସ୍ମିତା ତ୍ରିପାଠୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

### ଭାଗ ନେଇଛନ୍ତି ୨୩ ଜିଲ୍ଲାର ୧୨୦ କାରିଗର



**ଭୁବନେଶ୍ୱର, ୨୨।୨(ସମିସ):** ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିବାବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣୀ ପଟ୍ଟନାୟକ ଏବଂ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ବିନୋଦ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକର ବିକ୍ରିବଟାର ସହାୟତା ନିମନ୍ତେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ମାଧ୍ୟମରେ ଚଳିତବର୍ଷ ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ୨୩ଟି ଜିଲ୍ଲାର ପ୍ରାୟ ୧୨୦ ଜଣ ହସ୍ତଶିଳ୍ପ କାରିଗରଙ୍କୁ ବିନା ଦେୟରେ ଷ୍ଟଲ୍ ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୧ଟି ହସ୍ତଶିଳ୍ପକୁ ଆଧାର କରି ୧ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ କାରିଗର ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଓଡ଼ିଶା ସରକାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ ହସ୍ତଶିଳ୍ପର ବିକାଶ ପାଇଁ ବିଭିନ୍ନ ପ୍ରୋତ୍ସାହନ ପ୍ରଦାନ, ବଜାର ସହାୟତା ପାଇଁ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି। କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଶୀର୍ଷ ଅନୁଷ୍ଠାନ ଓ ସମବାୟ ସମିତିମାନଙ୍କୁ ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ବୃଦ୍ଧି ତାଲିମ, ଉନ୍ନତମାନର ଯନ୍ତ୍ରପାତି, ବ୍ୟାଙ୍କ ଋଣ ସହାୟତା, ଭିତ୍ତିଭୂମିର ବିକାଶ, ନମୁନା ବିକାଶ, ପ୍ରଦର୍ଶନୀ ମାଧ୍ୟମରେ ବଜାର ସହାୟତା ଇତ୍ୟାଦି ଯୋଗାଇ ଦିଆଯାଉଛି। ଏଥି ସହିତ ହସ୍ତଶିଳ୍ପ ସାମଗ୍ରୀ ପାଇଁ ଅନ୍‌ଲାଇନ୍ ମାର୍କେଟିଂର ବ୍ୟବସ୍ଥା କରାଯାଉଛି।

## 'ପ୍ରିୟ ଖବର'ର ଦଶମ ସ୍ୱନକ୍ଷତ୍ର



**ଭୁବନେଶ୍ୱର, ୨୨।୨(ସମିସ):** ସ୍ୱାଧୀନତା ପୂର୍ବରୁ ହାତଗଣତି କେତୋଟି ଖବର କାଗଜ ପ୍ରକାଶ ପାଉଥିଲା। ହେଲେ ଗଠନମୂଳକ ସମ୍ବାଦ ପ୍ରକାଶ ପାଉଥିଲା, ଯାହା ସମାଜର ହିତ ସାଧନ କରୁଥିଲା। ଏବେ ଅନେକ ପରିବର୍ତ୍ତନ ହୋଇଛି। ଡିଜିଟାଲ ସହିତ ସାମାଜିକ ଓ ବୈଦ୍ୟୁତିକ ଗଣମାଧ୍ୟମ ସଙ୍ଗେ ସଙ୍ଗେ ଖବର ପ୍ରକାଶ କରୁଛନ୍ତି ସତ, ହେଲେ ସେଥିରେ ସତ୍ୟତା କେତେ ତାହା ଜାଣିବା ମୁସ୍କିଲ୍। ଗୋଟିଏ ଖବର କାଗଜର ବୟସ କେତେ ହୋଇଛି ତାହା ବଡ଼କଥା ନୁହେଁ, ସେଥିରେ କେଉଁ ବର୍ଗଙ୍କ ପାଇଁ କ'ଣ ଅଛି ଓ ସମାଜର କେତେ ହିତ ସାଧନ କରୁଛି, ତାହା ଜାଣିବା ଉଚିତ୍। ସମାଜର ବିକାଶ ପାଇଁ ଖବର ପରିବେଷଣ କରାଯିବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଜୟଦେବ ଭବନରେ 'ପ୍ରିୟ ଖବର'ର ଦଶମ ସ୍ୱନକ୍ଷତ୍ର ଅବସରରେ ଅତିଥିମାନେ ଏହି ମତ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଡ. ଅମର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଅନ୍ୟତମ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଓଟିଡିସିର ଅଧ୍ୟକ୍ଷ ଲେନିନ୍ ମହାନ୍ତି ଯୋଗଦେଇ ଖବର କାଗଜର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ମୁଖପାତ୍ର ଡାକ୍ତର ହରିଶ୍ ଚୌଧୁରୀ ଯୋଗଦେଇଥିବାବେଳେ 'ପ୍ରିୟ ଖବର'ର ସମ୍ପାଦକ ରାଜକିଶୋର ଦାସ ସ୍ୱାଗତ ଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ହର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

## ମନୋରଞ୍ଜନଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୨।୨(ସମିସ):** ଇଟିଭି ଭାରତର ଭିଡିଓ ଜର୍ଣ୍ଣାଲିଷ୍ଟ ମନୋରଞ୍ଜନ ସାହୁଙ୍କ ବିୟୋଗରେ ଗୁରୁବାର ଓଟକମ୍ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶ୍ରୀ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ସାମ୍ବାଦିକ, ଭିଡିଓ ଜର୍ଣ୍ଣାଲିଷ୍ଟ ବା କ୍ୟାମେରାମ୍ୟାନ୍। ସାମ୍ବାଦିକଙ୍କ ଏଭଳି ଅକାଳ ମୃତ୍ୟୁକୁ ନେଇ ବିଶେଷ କରି ଅସୁସ୍ଥତା କାରଣରୁ ଅକାଳ ମୃତ୍ୟୁକୁ ନେଇ ସାମ୍ବାଦିକ ସୁରକ୍ଷା ବ୍ୟବସ୍ଥା ସହ ପେନସନ୍ ବା ଭତ୍ତା ବ୍ୟବସ୍ଥା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ସାମ୍ବାଦିକମାନେ ନିବେଦନ କରିଛନ୍ତି।

## ଟାଙ୍ଗିବନ୍ତରେ ଅଷ୍ଟପ୍ରହର ନାମଯଜ୍ଞ

**ନନ୍ଦନକାନନ, ୨୨।୨(ସମିସ):** ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ ଗ୍ରାମରେ ପ୍ରଭୁ ବାଞ୍ଛାମଣି ଦେବଙ୍କ ପୀଠରେ ୪୩ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଧିବାସ ହୋଇଥିଲା। ପରେ ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳ ନାମ ସଙ୍କୀର୍ତ୍ତନ କରିଥିଲେ। ଉଦ୍‌ଯାପନୀ ଦିବସରେ ନଗରକୀର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା ପରେ ଦହିପସରା, ଦହି ପ୍ରସାଦ ବଣ୍ଟନ ଆଦି କରାଯାଇଥିଲା ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ସ୍ୱାଇଁ ପ୍ରକାଶ କରିଛନ୍ତି।

● 'ଉତ୍କଳ'ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

## 'ଛାତ୍ରଛାତ୍ରୀ ମାତୃଭାଷାର ମହନୀୟତାକୁ ବଜାୟ ରଖନ୍ତୁ'

**ଭୁବନେଶ୍ୱର, ୨୨।୨(ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ସେଞ୍ଚୁରିଆନ୍ ବୈଷୟିକ ପରିଚାଳନା ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ପାଳିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଉଦ୍‌ଘାଟକ ଭାବେ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାତୃଭାଷା ଓଡ଼ିଆର ମହନୀୟତା ବଜାୟ ରଖନ୍ତୁ' ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର୍ ନିହାର ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ମାତୃଭାଷା ଓଡ଼ିଆର ପ୍ରାଚୀନତା ଏହାର କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିବା ସହ ମାତୃଭାଷା ହିଁ ଭାବ ଓ ମୂଲ୍ୟବୋଧର ବାହକ ବୋଲି ମତବ୍ୟକ୍ତ କରିଥିଲେ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ଆମର ଚରିତ୍ର ଓ ସଂସ୍କୃତିର ପ୍ରତିଫଳନ, ସେଥିପାଇଁ ଆମେ ନିଜର



ଭାଷା ପ୍ରତି ଯତ୍ନଶୀଳ ଓ ଆତ୍ମୀୟତାକୁ ବଜାୟ ରଖିବା ଉଚିତ୍ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟକ ଡ. ମିହିର କୁମାର ସାହୁ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ।


॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥"



ଆବିର୍ଭାବ: ୩୦.୦୭.୧୯୫୮ (ଶ୍ରୀ ଗୁଣ୍ଡିଚା)

ତିରୋଧାନ: ୧୪.୦୨.୨୦୨୪ (ଶ୍ରୀପଞ୍ଚମୀ)

ସ୍ୱ କମଳା ସାମଲ

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ସ୍ୱାମୀ: ବିଷ୍ଣୁଚରଣ ସାମଲ (ମା' ଲକ୍ଷ୍ମୀ ମେଡିକାଲ ଷ୍ଟୋର, ସିଂହପୁର)
ପୁଅ-ବୋହୂ: ମନୋଜ, ସରୋଜ, ସବିତା, ପୁତୁରା: କିଶୋର, ଈଶ୍ୱର, ଶ୍ରୀନିବାସ, ପ୍ରଭାଷ, ସ୍ପନ୍ଦନ, ନାତି-ନାତୁଣୀ: ଖୁସି, କାହ୍ନା, ରଚିତ, ସଂପର୍କ, ଆଦି
ଝିଅ-ଜ୍ୱାଇଁ: ମାମି, ମଧୁ, ନିନି, ଚୈତନ, ବନ୍ଧୁ ଓ ଆତ୍ମୀୟସ୍ୱଜନ


## ଅଭିଲେଖ ସପ୍ତାହରେ ଆଲୋଚନାଚକ୍ର




**ଭୁବନେଶ୍ୱର, ୨୨।୨(ସମିସ):** ଅଭିଲେଖ ସପ୍ତାହ ଅବସରରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ 'ଅଭିଲେଖ ଦର୍ପଣରେ ଅଭିଲେଖାଗାରର ଆଭିମୁଖ୍ୟ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଥିଲେ ଯେ, ଯେଉଁ ଜାତିର ଇତିହାସ ଯେତେ ସଂଗଠିତ, ତାହାର ଜୀବନ ଯାତ୍ରା ସେତେ ସାଫଲ୍ୟ ମଣ୍ଡିତ। ଜାତିର ଇତିହାସକୁ ସଂଗଠିତ କରିବା ପାଇଁ ସମବେତ ପ୍ରଚେଷ୍ଟା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଉଲ୍ଲେଖ କରିଥିଲେ। ସମ୍ମାନର ବିଶିଷ୍ଟ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆୟୁକ୍ତ ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଯୁବ ସମାଜ ଏବଂ ଗବେଷକ କିପରି ଅଭିଲେଖାଗାର ସହ ଜଡ଼ିତ ହୋଇ ରାଜ୍ୟ ତଥା ଓଡ଼ିଆ ଜାତିର ଇତିହାସକୁ ସମୃଦ୍ଧ କରିପାରିବେ ସେ ପ୍ରୟାସ ନିଶ୍ଚିତ କରାଯିବ ବୋଲି କହିଥିଲେ। ଏହାସହ ଓଡ଼ିଶା ରାଜ୍ୟ ଅଭିଲେଖାଗାରକୁ ଆଗାମୀ ବର୍ଷରେ ଭାରତର ଏକ ନମ୍ବର ଅଭିଲେଖାଗାରରେ ପରିଣତ କରାଯିବାକୁ ଚେଷ୍ଟା କରାଯିବ ବୋଲି ସେ କହିଥିଲେ। ସମ୍ମାନର ମୁଖ୍ୟବକ୍ତା ଭାବେ ଡ. ସତ୍ୟନାରାୟଣ ମିଶ୍ର ଯୋଗ ଦେଇ ଅଭିଲେଖ ହେଉଛି ପ୍ରାମାଣିକ ତଥ୍ୟ ବୋଲି କହିଥିଲେ। ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓଡ଼ିଶା ରାଜ୍ୟ ଅଭିଲେଖାଗାରକୁ ଦେଶର ଏକ ନମ୍ବର ଅଭିଲେଖାଗାରରେ ପରିଣତ କରିବାକୁ ବିଭାଗୀୟ ମନ୍ତ୍ରୀ ଏବଂ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ଉପଲକ୍ଷେ ଅଭିଲେଖର ଏକ ପ୍ରଦର୍ଶନୀ କରାଯାଇଥିଲା। ଶେଷରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅସୀମ ସୃଷ୍ଟି' ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ୨୨।୨(ସମିସ):** ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ମାସିକ ଆଲୋଚନାଚକ୍ର ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୟୋଜ୍ୟେଷ୍ଠ ସାହିତ୍ୟିକ ସାତକଡ଼ି ହୋତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ତାଙ୍କର ସାରସ୍ୱତ କୃତୀ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶାନ୍ତିଲତା ମିଶ୍ରଙ୍କ କବିତା ପୁସ୍ତକ 'ଅସୀମ ସୃଷ୍ଟି' ଉନ୍ମୋଚିତ ହୋଇଥିଲା। ଡକ୍ଟର ଆରତି କର ବୈଦେହୀଶ ବିଳାସର ସପ୍ତମ ଛାନ୍ଦର ବିଷୟ ବସ୍ତୁକୁ ଉପସ୍ଥାପନ କରିଥିଲେ। ଆଲୋଚନାରେ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ବିଜୟ କୁମାର ମହାନ୍ତି, କମଳ କୁମାରୀ ଦାଶ, ରାଧା ମିଶ୍ର, ଲୋକନାଥ ଆଚାର୍ଯ୍ୟ, ଗୋଧନେଶ୍ୱର ହୋତା, ବିବେକାନନ୍ଦ ମିଶ୍ର ଓ ଅଞ୍ଜୁ ଲତା ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭାକୁ ରମାକାନ୍ତ ମିଶ୍ର ପରିଚାଳନା କରିଥିଲାବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଆଇଟିରେ ମାତୃଭାଷା ଦିବସ

### 'ମାତୃଭାଷାର ଦୈନନ୍ଦିନ ବ୍ୟବହାର ଏହାକୁ ବିକଶିତ କରେ'



**ଭୁବନେଶ୍ୱର, ୨୨।୨(ସମିସ):** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରରେ ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। 'ବହୁଭାଷୀ ଶିକ୍ଷା ହେଉଛି ଇଣ୍ଟରଜେନେରେସନାଲ୍ ଶିକ୍ଷାର ସ୍ତମ୍ଭ' ଶୀର୍ଷକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆପିକଲ୍‌ର ସହକାରୀ ନିର୍ଦ୍ଦେଶକ ଡକ୍ଟର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଅଭିବୃଦ୍ଧି ପାଇଁ ମାତୃଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର କହିଛନ୍ତି, ଭାଷାଭିତ୍ତିକ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ପିଏଚଡି ଛାତ୍ରଛାତ୍ରୀ ପିଏଚଡି ଥେସିସ୍ ଯେ କୌଣସି ଭାରତୀୟ ଭାଷାରେ ଦାଖଲ କରିବା ବ୍ୟବସ୍ଥା କରାଯାଇଛି। ଅନୁଷ୍ଠାନର କୁଳସଚିବ ବାମଦେବ ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ପରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ନିଜ ନିଜ ମାତୃଭାଷାରେ ଗୀତ ଓ କବିତା ପରିବେଷଣ କରିଥିଲେ।

## 'ଜୀବନର ବ୍ୟାପକତା ଧରି ରଖିବାକୁ କବିତା ଅସମର୍ଥ'



**ଭୁବନେଶ୍ୱର, ୨୦।୨(ସମିସ):** ଜୀବନର ବ୍ୟାପକତାକୁ ଧରି ରଖିବାକୁ କବିତା ଅସମର୍ଥ। ପ୍ରଭା ଖଇତାନ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ କବି ପ୍ରଦୀପ ବିଶ୍ୱାଳ ଅଂଶଗ୍ରହଣ କରି ଏହା କହିଛନ୍ତି। ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ସହ ଅନୁଷ୍ଠିତ ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ସେ ନିଜର ସୃଜନ ଯାତ୍ରା ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ବେଦୁଲା ରାମଲକ୍ଷ୍ମୀ ଓ ଡ. ନିଧି ଗର୍ଗଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଲେଖକ, ସାମ୍ବାଦିକ ଓ ସାମାଜିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ କବି ଡ. ଫନୀ ମହାନ୍ତି, କବି ପ୍ରଦୀପ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ପ୍ରଶାସକ ତଥା କବି ପୀୟୂଷ ପଟ୍ଟନାୟକ ଆଲୋଚିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ANIMESH FOOD PRODUCTS



(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

LYCEUM HIGHER SECONDARY SCHOOL
(Recognized by Govt. Of Odisha Affiliated to CHSE, Odisha)
LALITESWAR NAGAR, JAJPUR TOWN, JAJPUR - 755001

The Director, Lyceum H.S. School, invites application from experienced candidates for the following posts.

WALK-IN-INTERVEIW

TEACHING POSTS

PRINCIPAL, VICE-PRINCIPAL
For the post of Principal and Vice-Principal the candidate must have a minimum of 5 years or above experience in an educational institution.

LECTURERS
Physics, Chemistry, Mathematics, Botany, Zoology, I.T, Odia, English & Sanskrit
- Minimum 1-year experience is required .
- Candidates having B.Ed qualification get first preference.

Qualification M.Sc./M. A in the relevant discipline.

NON-TEACHING POSTS
- Administrative Officer
- Accountant
- Academic Officer
- Librarian
- Front Office Executive (Female Only)
- Marketing Executive
- Hostel Warden/ Care - Taker (Both Boys & Girls)
- Peon
- Driver
- Cook/Cook-Helper

Salary is negotiable with qualifications and experience. No T.A/D.A will be Provided

Interested candidates can e-mail/WhatsApp their complete Biodata within 7 days from the date of Advertisement.

Join Us lyceumhss@gmail.com +91-7205687080 +91-9437277080

ଭୁବନେଶ୍ୱର ସିଟି



**ବିଦାୟ ରଜନୀରେ 'କଳିଙ୍ଗ'; ଆଜିଠୁ 'ଶିବାନୀ'**

**ଉତ୍ସାହିତ କାହ୍ନା, ଟିକି, ଭିକାରିଙ୍କ ପ୍ରଶଂସକ**

# ଘଲିଉଡ୍ ଜଙ୍କ୍‌ସନ୍ ଖଣ୍ଡଗିରି

**ଭୁବନେଶ୍ୱର, ୨୨।୨ (ସମିସ):**

ପଞ୍ଚମ ରାତିରେ ପହଞ୍ଚିଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ଦିନ ଯେତିକି ଗଡ଼ୁଛି, ଯାତ୍ରା ପ୍ରେମୀଙ୍କ ଉତ୍ସାହ ସେତିକି ବଢୁଛି। ପାଞ୍ଚଟି ଅପେରା ପାର୍ଟି ଭିତରେ ଚାଲିଛି ଜୋର୍‌ଦାର ଟକ୍କର। ଦିନ ତମାମ ପ୍ରଚାରରେ କମ୍ପୁଛି ଖଣ୍ଡଗିରି ଓ ଆଖପାଖ ଅଞ୍ଚଳ। ରାତି ହେଲେ ଶୁଭୁଛି ଛାତିଥରା ସଂଳାପ। ସଞ୍ଜ ପୂର୍ବରୁ ମେଳା ଗହଳି ଓ ରାତି ହେଲେ ଯାତ୍ରା ପ୍ରେମୀଙ୍କ ମେଳି। ଦର୍ଶକମାନେ ନିଜର ପ୍ରିୟ ଘଲିଉଡ କଳାକାରଙ୍କ ଅଭିନୟ ଦେଖିବାକୁ ଯେତିକି ପସନ୍ଦ କରୁଛନ୍ତି, ରେକର୍ଡ ଡ୍ୟାନ୍ସ ଦେଖିବାକୁ ମଧ୍ୟ ସେତିକି ମନ ବଳାଉଛନ୍ତି । ରାତି ୧୧ ପରେ ପରେ ଆରମ୍ଭ ହେଇଯାଉଛି ରେକର୍ଡ ଡ୍ୟାନ୍ସ। ଓଲିଉଡ ଓ ବଲିଉଡ୍‌ର ସଙ୍ଗୀତ ଓ ନାଚ ଶୀତୁଆ ରାତିରେ ଉଷ୍ମତା ଭରୁଛି। ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ପଡ଼ିଥିବା ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ପଞ୍ଚମ ରାତିରେ 'କାନ୍ଦେନାରେ ବାଇଆ ମନ' ନାଟକ ମଞ୍ଚସ୍ଥ କରି ଖଣ୍ଡଗିରିରୁ ବିଦାୟ ନେଇଛି। କଳିଙ୍ଗ ବିଦାୟ ନେବାପରେ ଆସନ୍ତାକାଲି ଠାରୁ ସେହି ମଞ୍ଚରେ ଶିବାନୀ ଗଣନାଟ୍ୟ ଯାତ୍ରା ମହାସମରରେ ଭାଗ ନେବ।'ଗାନ୍ଧୀ ଭୂମିକାରେ କହ୍ନେଇ ଦାସ' ନାଟକକୁ ନେଇ ମଇଦାନକୁ ଓହ୍ଲାଇବ ଶିବାନୀ ଗଣନାଟ୍ୟ। ବାସ୍ତବ ଜୀବନର ପତିପତ୍ନୀ କାହ୍ନା ଓ ଟିକି ନାୟକ ଓ ଖଳନାୟକ ଭୂମିକାରେ ନଜର ଆସିବେ। ନାୟକ ରୂପରେ ଜିନୁ, ବାପା ଚରିତ୍ରରେ ଗୌରାଙ୍ଗ, ମା ଚରିତ୍ରରେ କବିତାଙ୍କ ଅଭିନୟ ସାଙ୍ଗକୁ ଭେଟେରାନ କମେଡିଆନ୍ ଭିକାରୀଙ୍କ ଅଭିନୟ ଦେଖିବାକୁ ପାଇବେ ଦର୍ଶକ । ଗୁରୁବାର ରାତିରେ ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟ ପଞ୍ଚମ ରାତିରେ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାଟକ ଅନୁଷ୍ଠିତ ହୋଇଛି । ସେହିପରି ମାନସ ପଣ୍ଡା, କୁନି, ରୀତା, ବେବି ଓ ରଞ୍ଜିତଙ୍କ ଦମ୍‌ଦାର ଅଭିନୟ ଦେଖିବାକୁ ମିଳିଛି। ବୁଧବାର ରାତିରୁ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଓହ୍ଲାଇଥିବା 'ଅଶୋକ ସମ୍ରାଟ' ଲଗାତାର ଦ୍ୱିତୀୟ ରାତିରେ 'ବାଦାମବାଡ଼ିର ରିକ୍ସାବାଲା' ନାଟକ ପରିବେଷଣ କରିଛି। ପ୍ରତାପ, ମାମୁନି, ଜିତା, ଅଭି, ଚନ୍ଦନ, ମକୁଙ୍କ ଅଭିନୟ ସାଙ୍ଗକୁ ମ୍ୟାଜିକ ଭିଲିଅନ କୁନାଙ୍କ ଅଭିନୟ ଦେଖିବାକୁ ଦର୍ଶକଙ୍କ ଭିଡ଼ ଲାଗିଛି। ଲଗାତାର ପଞ୍ଚମ ରାତିରେ ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ମା ଦୁର୍ଗା ମନ୍ଦିର 'କାନ୍ଦେନାରେ ଲୁହ ସରିଯିବ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ରୁଦ୍ର, ହୃଷି, ମାମା ଓ ଖଳନାୟକ ଲକ୍ଷ୍ମୀଧରଙ୍କ ଦମଦାର ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଛି । ସେହିପରି ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ପଞ୍ଚମ ରାତିରେ"ସେଇ ଗୋଟିଏ ଭୁଲ୍ ପାଇଁ" ନାଟକ ପରିବେଷଣ କରିଛି । ରତି, ମିଟୁନା, ମୁନା, ରୂପାଙ୍କ ଯୋଡ଼ି ଓ ଖଳନାୟକ ଦୈତାରିପଣ୍ଡାଙ୍କ ଅଭିନୟ ଦେଖିବାକୁ ମିଳିଛି ।





## ଆଜିର କାହାଣୀ

ନାଟକ ଆରମ୍ଭ ହେଉଛି ଜଣେ ନର୍ତ୍ତକୀଙ୍କ ରେକର୍ଡ ଡ୍ୟାନ୍ସରୁ। ରେକର୍ଡ ଡ୍ୟାନ୍ସ କରିବା ସମୟରେ ତାଙ୍କ ବସ୍ତ୍ର ଖୋଲି ଯାଉଛି। ଏହାକୁ ନେଇ ତାଙ୍କୁ ନାନା ପ୍ରକାର କଥା ଶୁଣିବାକୁ ପଡୁଛି। ଏହାପରେ ସେ ଭଡ଼ା ରହୁଥିବା ଘରର ମାଲିକ ତାଙ୍କୁ ସେହିଦିନ ରାତିରେ ହିଁ ଘର ଛାଡ଼ିବାକୁ କହୁଛନ୍ତି। ଘର ନ ଛାଡ଼ିବା ପାଇଁ ନର୍ତ୍ତକୀ ବହୁତ ଅନୁରୋଧ କରିବାରୁ ମାଲିକ ରାଜି ହେଉଛନ୍ତି । ହେଲେ ବଦଳରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଦାବି କରିଛନ୍ତି ମାଲିକ। ନର୍ତ୍ତକୀ ତାଙ୍କ ମାଲିକଙ୍କୁ ମାଡ଼ ମାରିବା ସହିତ ଲୁଗାପଟା ନ ନେଇ ରାତି ଅଧରେ ଘର ଛାଡ଼ି ଚାଲି ଯାଉଛନ୍ତି। ବାହାରେ ଯୁବକମାନଙ୍କ ଠାରୁ ମଧ୍ୟ ତାଙ୍କୁ ଟାହି ଟାପରା ଶୁଣିବାକୁ ପଡୁଛି। ପରେ ପରେ ଯାତ୍ରାର ପ୍ରଯୋଜକ, ନିର୍ଦ୍ଦେଶକ, ମାଲିକ, କଳାକାର ଠାରୁ ଆରମ୍ଭ କରି ଯାତ୍ରା ଜଗତ ସହିତ ସଂଶ୍ଳିଷ୍ଟ ସମସ୍ତେ ଯୋଗ ଦେଉଛନ୍ତି। ନର୍ତ୍ତକୀ ମଧ୍ୟ ସେଥିରେ ଭାଗ ନେଇ କୈଫିୟତ ଦେଉଛନ୍ତି। ସବୁଆଡୁ ନିରାଶ ହେବାପରେ ନର୍ତ୍ତକୀ ନୃତ୍ୟ ଛାଡ଼ି ବେଶ୍ୟାବୃତ୍ତିକୁ ଆପଣେଇ ନେଉଛନ୍ତି। ଏହାପରେ ଜଣେ ଯୁବକ ତାଙ୍କୁ ପ୍ରେମ କରିବା ସହିତ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଯୁବକଙ୍କ ପରିବାର ଲୋକେ ନର୍ତ୍ତକୀଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ପ୍ରେମରେ ମଧ୍ୟ ବିଫଳ ହେଉଛନ୍ତି ନର୍ତ୍ତକୀ। ନର୍ତ୍ତକୀ ସର୍ବସ୍ୱ ହରାଇବା ପରେ ଗାଁକୁ ଯାଉଛନ୍ତି। ଗାଁ ଲୋକମାନେ ମଧ୍ୟ ତାଙ୍କୁ ତଡ଼ି ଦେଉଛନ୍ତି। ସେ ପୁଣି ଫେରି ଆସି ନାଟକ କରିବା ସହିତ ପୁଣି ଲୋକପ୍ରିୟତା ହାସଲ କରୁଛନ୍ତି । ଆଉ ଅନେକ ଲୋକଙ୍କୁ ସହାୟତାର ହାତ ବଢ଼ାଉଛନ୍ତି। ଲୋକପ୍ରିୟତା ସାଉଁଟିବା ପରେ ନର୍ତ୍ତକୀଙ୍କୁ ଯେଉଁମାନେ ଘୃଣା କରୁଥିଲେ ସେମାନେ ସମସ୍ତେ ନିଜ ଭୁଲ୍ ବୁଝିବା ସହିତ ପ୍ରଶଂସାରେ ପୋତି ପକାଉଛନ୍ତି। ଏଭଳି ଜଣେ ଯାତ୍ରା ନର୍ତ୍ତକୀଙ୍କ ଜୀବନରେ ଘଟିଥିବା ବାସ୍ତବ ଘଟଣାକୁ ନେଇ ପ୍ରସ୍ତୁତ ହୋଇଛି ନାଟକ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା'।



## ଖଣ୍ଡଗିରି-ଗପ

### ଲୋକାଲ୍ ବାବାଙ୍କ ନ୍ୟାସ୍‌ନାଲ୍ ଭାଷା

'ଲୋକାଲ୍ ବାବାଙ୍କ ନ୍ୟାସ୍‌ନାଲ ଭାଷା' ଶୀର୍ଷକଟି ପଢ଼ିବା ପରେ ଆପଣଙ୍କୁ ଟିକେ ଅଡୁଆ ଲାଗୁଥିବ। ଆପଣ ଭାବୁଥିବେ ବାବା ତ ଲୋକାଲ୍ ପୁଣି ନ୍ୟାସ୍‌ନାଲ ଭାଷା ସହିତ ତାଙ୍କର ସମ୍ପର୍କ କ'ଣ ! ଆଜ୍ଞା ଶୁଣନ୍ତୁ, ଖଣ୍ଡଗିରି ମେଳାରେ ବାବା ଆଉ ଭକ୍ତଙ୍କ ଭିଡ଼ କଥା କାହାରିକୁ ଅଛପା ନାହିଁ । ବେଳକୁ ବେଳ ବାବାଙ୍କ ସଂଖ୍ୟା ବଢ଼ି କମୁଛି, ହେଲେ ଭକ୍ତଙ୍କ ସଂଖ୍ୟା କମିବାର ଚାନ୍ସ ନାହିଁ। ଭକ୍ତମାନେ ଆଗ ପଛ ନ ବିଚାରି ନିଜ ପରିବାରର ଭବିଷ୍ୟତ ଠାରୁ ଆରମ୍ଭ କରି ପିଲାଛୁଆଙ୍କ ଚାକିରି ଓ ବିଭାଘର କଥା ପଚାରନ୍ତି। ବାବା ମଧ୍ୟ ଅତି ଚତୁରତାର ସହିତ ଉତ୍ତର ରଖନ୍ତି। ସେ ଭବିଷ୍ୟବାଣୀ ସତ କି ମିଛ, ସିଆଡ଼କୁ ଆମେ ଯିବାନି। ହେଲେ ଏହାରି ଭିତରେ ଏକ ଅଜବ କଥା ଦେଖିଲୁ। ବାଲେଶ୍ୱର ଜିଲ୍ଲାର ଜଣେ ବାବା ଦାଢ଼ି ରଖି ମୁଣ୍ଡରେ ଗାମୁଛା ଗୁଡ଼ାଇ ଗଛ ମୂଳରେ ବସିଥିଲେ। ତାଙ୍କ ପାଖରେ ବସିଥିବା ଚେଲା ଚାମୁଣ୍ଡାଙ୍କ ସହିତ ଓଡ଼ିଆ ଭାଷାରେ କଥା ହେଉଥିଲେ। ଏହାରି ଭିତରେ ଜଣେ ମହିଳା ଭକ୍ତ ଆସି ତାଙ୍କ ଦୁଇ ହାତରେ ବାବାଙ୍କ ଦୁଇ ପାଦ ଛୁଇଁ ମୁଣ୍ଡିଆ ଟିଏ ମାରି 'ବାବା ପ୍ରଣାମ' ବୋଲି କହିଲେ। ସାଙ୍ଗେ ସାଙ୍ଗେ ବାବା ଜଣଙ୍କ ଏଣ୍ଡୁଅ ଭଳି ରଙ୍ଗ ବଦଳେଇ ଦେଲେ। ଲୋକାଲ ଭାଷା ଭୁଲି ନ୍ୟାସ୍‌ନାଲ ଭାଷା ଅର୍ଥାତ୍ ହିନ୍ଦୀରେ କହିବା ଆରମ୍ଭ କଲେ। ଆଉ 'ମା ବୋଲିୟେ...' ବୋଲି ମହିଳାଙ୍କୁ ଉତ୍ତର ଦେଲେ। ଏହାପରେ ମହିଳା ଜଣଙ୍କ ହିନ୍ଦୀରେ ବାବାଙ୍କ ସହ କଥା ହୋଇ ନିଜ ପରିବାରର ଦୁଃଖ ଜଣାଇ ପ୍ରତିକାର ପାଇଁ ଉପଦେଶ ନେଲେ। ବାବାଙ୍କର ଏ ବହୁରୂପୀ ଚରିତ୍ର ଦେଖି କାନ ମୁଣ୍ଡା ଆଉଁସି ଫେରି ଆସିଲୁ । ଇଏ କେବଳ ଗୋଟିଏ ଉଦାହରଣ । ଆହୁରି ଅନେକ ବାବା ଅଛନ୍ତି ଯେଉଁମାନେ ବର୍ଷସାରା ଓଡ଼ିଆରେ କଥା ହେଉଥିବେ, ହେଲେ ଖଣ୍ଡଗିରି ମେଳାରେ ଖଣ୍ଟି ହିନ୍ଦୀରେ ବି କାମ ଚଳେଇ ଦେବେ ।

## ଖଣ୍ଡଗିରି ମେଳା; ସେଦିନ ଓ ଆଜି

ମୋତେ ଏବେ ୫୫ ବର୍ଷ ହେଲାଣି। ମୁଁ ୧୯୭୭ ମସିହାରେ ପ୍ରଥମେ ଖଣ୍ଡଗିରି ମେଳା ଦେଖିବାକୁ ଆସିଥିଲି। ଅନ୍ୟଦିନରେ ଏତେ ଚଳଚଞ୍ଚଳ ନ ଥିଲା। ମେଳା ବେଳେ ଭିଡ଼ ହେଉଥିଲା। ଖଣ୍ଡଗିରି କୁମ୍ଭମେଳା ପୂର୍ବରୁ ଗାଁ ଗାଁକୁ ଗାଁ କୌପିନୀ ପିନ୍ଧା ବାବାମାନେ ଯାଉଥିଲେ। ଗାଁ ଲୋକେ ମେଳା ପାଇଁ ଧାନ, ଚାଉଳ, ଟଙ୍କା ଦେଉଥିଲେ। ଘାଟିକିଆ, ଶ୍ୟାମପୁର, ନୂଆଗାଁ, ଅନ୍ଧାରୁଆ ମଳିପଡ଼ାଠାରୁ ଆରମ୍ଭ କରି ଗୋଠପାଟଣା, ଗଙ୍ଗାପାଟଣା, ପାତ୍ରପଡ଼ା, ଆଇଗିଣିଆ, ତମାଣ୍ଡୋ, ନାରଗୋଦା, ସରକନ୍ତରା, କୋଳଥିଆ, ମଦନପୁର, ଜାଗସରା ପାଇକରାପୁର ଆଦି ୫୦ ଖଣ୍ଡ ଗାଁରେ ଉତ୍ସବର ମାହୋଲ ସୃଷ୍ଟି ହେଉଥିଲା। ଶିଳ, ଚକିଠାରୁ ଆରମ୍ଭ କରି କୁଲା, ଡାଲା ବାଉଁଶିଆ, ଗାଇଗୋରୁଠାରୁ କବାଟ ଆଦି ସବୁ ପ୍ରକାର ଜିନିଷ ବିକ୍ରି ହେଉଥିଲା। ଜିନିଷ କିଣିବା ପାଇଁ ମାଇପେ ମର୍ଦ୍ଦ ପିଲାଛୁଆଙ୍କୁ ଧରି ସପରିବାରେ ଖଣ୍ଡଗିରି ଆସୁଥିଲେ। କାଁ ଭାଁ ଲୋକେ ସାଇକଲ୍‌ରେ ଆସୁଥିଲେ। ନୂଆବୋହୂମାନେ ସବୁ ଶଗଡ଼ରେ ଆସୁଥିଲେ। ହେଲେ ଅଧିକାଂଶ ଗାଁ ଲୋକେ ଚାଲିଚାଲି ମେଳାକୁ ଆସୁଥିଲେ। ସାରାଦିନ ରାସ୍ତାଘାଟରେ ଲୋକଙ୍କ ଭିଡ଼ ଲାଗି ରହୁଥିଲା। ଲୋକେ ମେଳାରୁ ଜିନିଷ କିଣି ଯାଉଥିଲେ। ପିଲାଙ୍କ ପାଇଁ, ବେଙ୍ଗବଜା, ପେଁକାଳୀ ଓ ବେଲୁନ ଆଦି ଜିନିଷ କିଣି ଘରକୁ ଯାଉଥିଲେ। ବଡ଼ବଡ଼ ଜିନିଷକୁ ଛାଡ଼ିଲେ ଅଧିକାଂଶ ଜିନିଷର ଦାମ୍ ୫ ପଇସା ଥିଲା। ଆମେ ଦି' ଟଙ୍କାରେ ପୂରା ମେଳା ବୁଲା ଖର୍ଚ୍ଚ କରୁଥିଲୁ। ସେତେବେଳେ 'ଓଡ଼ିଶା ଅପେରା' ଓ 'ଉତ୍ତରକୂଳ' ଦୁଇଟି ଯାତ୍ରାପାର୍ଟି ପଡ଼ିଥିଲା। କେବଳ ପୌରାଣିକ, କାଳ୍ପନିକ ଓ ଐତିହାସିକ କଥାବସ୍ତୁକୁ ନେଇ ନାଟକ ପରିବେଷଣ ହେଉଥିଲା। ପରବର୍ତ୍ତୀ ସମୟରେ କାଂସ, ତାରାପୁର ଯାତ୍ରାପାର୍ଟି ପଡୁଥିଲା। 'ଛବିରାଣୀ ହତ୍ୟାକାଣ୍ଡ'ଠାରୁ ଆରମ୍ଭ କରି 'ଫାଶୀଖୁଣ୍ଟରେ ରଙ୍ଗାବିଲ୍ଲା', 'ଦସ୍ୟୁନାୟିକା ପୁଲନ ଦେବୀ' ଭଳି ଆଧୁନିକ ନାଟକ ପରିବେଷଣ କରାଗଲା। ଗାଁ ଲୋକେ ଚାଲିଚାଲି ମେଳା ଦେଖିବାକୁ ଆସୁଥିଲେ। ଅନ୍ଧାର ଥାଉ ଥାଉ ନାଟକ ସରି ଯାଉଥିଲା। ଭୋରରୁ ଭୋରରୁ ଦୋକାନ ଖୋଲୁଥିଲା। ଲୋକେ ଜିନିଷ କିଣି ସକାଳୁ ସକାଳୁ ଘରକୁ ଯାଉଥିଲେ। ରାତିରେ ନାଟକ ଦେଖି ସକାଳୁ ସକାଳୁ ପରିବା ସହ କାକୁଡ଼ି କିଣି ଯାଉଥିଲା। ଘରେ ପଖାଳ, ଭଜା ସାଙ୍ଗକୁ କାକୁଡ଼ି ଖାଇ ଶୋଇ ପଡୁଥିଲୁ। ଏବେ ଖଣ୍ଡଗିରି କୁମ୍ଭମେଳା ଓ ଯାତ୍ରାରେ ବଡ଼ ପରିବର୍ତ୍ତନ ହୋଇଛି। ବଡ଼ ଯାତ୍ରାପାର୍ଟି ପଡୁଛି। ହେଲେ ଗାଁ ଲୋକଙ୍କ ମଧ୍ୟରେ ପୂର୍ବଭଳି ଉତ୍ସାହ ନାହିଁ। କର୍ମବ୍ୟସ୍ତତା ଭିତରେ ଲୋକେ ମେଳା ବୁଲିବାକୁ ଭୁଲିଗଲେଣି। ଏବେ ଘରେ ଘରେ ଗ୍ରାଇଣ୍ଡର୍। ଶିଳଚକି କିଣିବା ବି ଆବଶ୍ୟକ ପଡୁନି କି ପ୍ରାୟ ଶିଳଶିଳିପୁଅ ଦୋକାନ କି କୁଲା, ଡାଲା ବି ବିକ୍ରି ହେଉନି। ଲୋକେ ଏକାଠି ଆସିବା ସ୍ୱପ୍ନ ହୋଇଗଲେଣି। ଯିଏ ଯାହା ବାଟରେ ଗାଡ଼ିମୋଟରରେ ଯାତ୍ରା ଦେଖିବାକୁ ଆସୁଛନ୍ତି। ବାବାମାନଙ୍କ ପାଇଁ ବା ମେଳା ପାଇଁ ଆଉ ଧାନ କି ପଇସା ସଂଗ୍ରହ ହେଉନି। ପିଲାଙ୍କ ପାଇଁ ଆଉ ବେଙ୍ଗବାଜା, ବେଲୁନ କି ପେଁକାଳୀ କେହି କିଣୁ ନାହାନ୍ତି। ଯାହା ନାଟକରେ ରେକର୍ଡ ଡ୍ୟାନ୍ସ ଆଳରେ ଏବେ ନଗ୍ନ ଓ ଅଶ୍ଳୀଳ ନୃତ୍ୟ ପରିବେଷଣ ହେଲାଣି। ବେଳେ ବେଳେ ପୁରୁଣା କଥା ବହୁତ ମନେ ପଡ଼େ।



*-ତ୍ରିଲୋଚନ ପଟ୍ଟନାୟକ, ସ୍ଥାନୀୟ ବାସିନ୍ଦା*

## 'ଏବେ ଯାତ୍ରା ବାଣିଜ୍ୟରେ ପରିଣତ ହେଲାଣି'

**ଖଣ୍ଡଗିରି କୁମ୍ଭମେଳାରେ ଚାଲିଥିବା ଯାତ୍ରା ମହାସମରର ପଞ୍ଚମ ସନ୍ଧ୍ୟାରେ ଖଳନାୟକ ଭୂମିକାରେ ଅଭିନୟ କରୁଥିବା ରଞ୍ଜିତ ପାତ୍ରଙ୍କୁ ସାକ୍ଷାତ କରିଛନ୍ତି 'ସକାଳ' ପ୍ରତିନିଧି ବରୁଣ ସାହୁ।**




**ଆପଣ କେବେଠାରୁ ଯାତ୍ରା ଜଗତରେ ପାଦ ରଖିଲେ ଓ ଖଣ୍ଡଗିରିକୁ ନେଇ ଆପଣଙ୍କ ମତ କ'ଣ ?**

- ମୁଁ ୨୦୦୩ ମସିହାରୁ ଅପେରା ପାର୍ଟିରେ ସାମିଲ୍ ହେଲି ଓ ସେବେଠାରୁ ହିଁ ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ ଆସୁଛି । ଓଡ଼ିଶାରେ ଅନେକ ମେଳା ରହିଛି, ହେଲେ ଖଣ୍ଡଗିରିରେ ଯାତ୍ରା ଠାରୁ ଆରମ୍ଭ କରି ଦର୍ଶକ ପର୍ଯ୍ୟନ୍ତ ସବୁ ନିଆରା। କାରଣ କେବଳ ଭୁବନେଶ୍ୱର ନୁହଁ ସାରା ଓଡ଼ିଶା, ଏମିତିକି ଓଡ଼ିଶା ବାହାରରୁ ମଧ୍ୟ ଦର୍ଶକ ଏଠାକୁ ଆସୁଛନ୍ତି ।ଖଣ୍ଡଗିରିମେଳାଓଡ଼ିଶାର ଏକ ନମ୍ବର କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।

**ଆପଣ ଯାତ୍ରା ଜଗତକୁ କିପରି ଆସିଲେ ?**

- ପ୍ରଥମେ ଗାଁ ଡ୍ରାମାରେ ଅଭିନୟ କରୁଥିଲି ଓ ଅନେକ ସିରିଏଲ୍‌ରେ ମଧ୍ୟ ଅଭିନୟକରୁଥିଲି। ଇଂ ଆଶୁତୋଷ ମହାପାତ୍ରଙ୍କ ସଂସ୍ପର୍ଶରେ ଆସି ପରବର୍ତ୍ତୀ ସମୟରେ ଯାତ୍ରାକୁ ଆସିଲି। ଆରମ୍ଭରୁ ହିଁ ଖଳନାୟକ ଭୂମିକାରେ ଅଭିନୟ କରି ଆସୁଛି।

**ଆପଣ ଛୋଟ ପରଦାରେ ବା ଟେଲିଭିଜନ ସିରିୟଲ୍‌ରେ କାମ କରିଛନ୍ତି। ଏବେ ଯାତ୍ରାରେ ମଧ୍ୟ ଅଭିନୟ କରିଛନ୍ତି। କିନ୍ତୁ କେଉଁଥିରେ ଆତ୍ମସନ୍ତୋଷ ମିଳିଛି?**

- ନିହାତି ପକ୍ଷେ କହିବି ଯାତ୍ରାରେ। ଯଦିବା ଗାଁ ଡ୍ରାମାରେ ଅଭିନୟ କରିଛି କିନ୍ତୁ ତାକୁ ନେଇ ନିରପେକ୍ଷ ପ୍ରତିକ୍ରିୟା ପାଇବା ସମ୍ଭବ ନୁହେଁ। କାରଣ ଗାଁ ଡ୍ରାମାରେ ସମସ୍ତେ ନିଜ ଗାଁର ଲୋକେ। ତେବେ ଟେଲିଭିଜନ ହେଉ କି ସିନେମା ହେଉ ସେଥିରେ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗର କୌଣସି ବ୍ୟବସ୍ଥା ନ ଥିଲା। କିନ୍ତୁ ଯାତ୍ରାରେ ତାଳି ମିଳୁ କି ଗାଳି; ମଞ୍ଚ ଉପରେ ହିଁ ଦର୍ଶକଙ୍କ ତତ୍କାଳ ପ୍ରତିକ୍ରିୟା ମିଳିଥାଏ।

**ନାଟକ ପ୍ରେମୀଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଛି ନା ବଢ଼ିଛି ?**

- ଆଗରୁ ନାଟକରେ ନାଟକୀୟତା ଥିଲା ଯେଉଁଟା ଏବେ ନାହିଁ। ପୂର୍ବରୁ ଲେଖକ ଓ ନିର୍ଦ୍ଦେଶକମାନେ ଗୋଟିଏ କି ଦୁଇଟି ନାଟକ କରୁଥିଲେ କିନ୍ତୁ ଏବେ ୭ଟା ନାଟକ ଲେଖୁଛନ୍ତି ଓ ନିର୍ଦ୍ଦେଶନାକରୁଛନ୍ତି। ସେହି କ୍ରମରେ ଆମେମାନେ ମାସକୁ ଗୋଟିଏ ନାଟକ କି ଦୁଇଟି ନାଟକ କରୁଥିଲୁ । କିନ୍ତୁ ବର୍ତ୍ତମାନ ମାସକୁ ୩ଟା ନାଟକ ସାରିବାକୁ ପଡୁଛି । ମାତ୍ର ୧୦ ଦିନରେ ଗୋଟିଏ ନାଟକ ରିହର୍ସାଲ କରି ବର୍ଷ ଯାକ ଅଭିନୟ କରିବାକୁ ପଡୁଛି । ଏବେ ଯାତ୍ରା ବାଣିଜ୍ୟରେ ପରିଣତ ହୋଇଗଲାଣି ।ଏଥିଲାଗି ଲେଖକଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ସହଯୋଗ ଲୋଡ଼ା ।

**ଯାତ୍ରା ଅଭିନୟ ବଞ୍ଚାଇ ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ?**

- କେବଳ କଳାକାର ଚାହିଁଲେ ତାହା ସମ୍ଭବ ହେବନାହିଁ । ଏଥିଲାଗି ସମସ୍ତଙ୍କ ସହଯୋଗ ଦରକାର । ପ୍ରଯୋଜକ ଓ କମିଟି ମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ମୋ ମତରେ ବର୍ଷକୁ ଦୁଇଟି ନାଟକ ହେଲେ ଆହୁରି ଭଲ ହୋଇ ପାରନ୍ତା ।

**୨୦ ବର୍ଷ ପୂର୍ବ ଓ ଏବେ ଭିତରେ ପାର୍ଥକ୍ୟ କ'ଣ ?**

- ୨୦ ବର୍ଷ ପୂର୍ବର ନାଟକ ଓ ଏବେକାର ନାଟକ ଭିତରେ ଆକାଶ ପାତାଳ ଫରକ ରହୁଛି। ସେତେବେଳର ଷ୍ଟୋରି ଲାଇନ, ଦର୍ଶକ ଅଲଗା ଥିଲେ। ସେବେ ଟିଭିରେ ଯାତ୍ରା ଦେଖିବାକୁ ମିଳୁନଥିଲା । ବର୍ତ୍ତମାନ ବ୍ୟସ୍ତତା ଜୀବନ ଭିତରେ ଦର୍ଶକମାନେ ପେଣ୍ଡାଲକୁ ଆସିବା ଅପେକ୍ଷା ଘରେ ବସି ଟିଭିରେ ନାଟକ ଦେଖିବାକୁ ପସନ୍ଦ କରୁଛନ୍ତି। ଏହା ଅନେକାଂଶରେ ପ୍ରଭାବ ପକାଇଛି ।

**ଯାତ୍ରାରେ ଅଶ୍ଳୀଳତାକୁ ନେଇ ଆପଣଙ୍କ ମତ କ'ଣ ?**

- ଯାତ୍ରାରେ ସେପରି କିଛି ଅଶ୍ଳୀଳତା ନାହିଁ। ଆପଣ ପରିବାର ଲୋକଙ୍କ ସହିତଘରେବସି ବିଭିନ୍ନ ଚଳଚ୍ଚିତ୍ର ଦେଖୁଛନ୍ତି। ଚଳଚିତ୍ର ତୁଳନାରେ ଯାତ୍ରାରେ ଅଶ୍ଳୀଳତା ପରିମାଣ ଖୁବ୍ କମ୍। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଯେତିକି ଆବଶ୍ୟକ ଯାତ୍ରାରେ ସେତିକି ଅଶ୍ଳୀଳତା ରହିଛି।

**ଆପଣଙ୍କ ପାରିବାରିକ ଜୀବନରେ ଯାତ୍ରାର ପ୍ରଭାବ ପକାଇଛି କି ?**

- ମୁଁ ଦିନେ ଯାତ୍ରା ଜଗତରେ ଏତେ ବାଟ ଆସିବି ବୋଲି ପରିବାର ଲୋକ ଜାଣିନଥିଲେ। କିନ୍ତୁ ପରିବାର ଲୋକଙ୍କ ସହଯୋଗ ପାଇଁ ଆଜି ମୁଁ ଏଇଠି ପହଞ୍ଚି ପାରିଛି। ତେଣୁମୋ ପେସା ଆଜି ପର୍ଯ୍ୟନ୍ତ ପାରିବାରିକ ଜୀବନରେ କୌଣସି ଖରାପ ପ୍ରଭାବ ପକାଇ ପାରିନାହିଁ।

**ଖଣ୍ଡଗିରି ମେଳାରେ ସକ୍ରିୟ ଅସାଧୁ ବ୍ୟବସାୟୀ**

## ସପ୍ତାହରେ ନଷ୍ଟହେଲାଣି ୨ କ୍ୱିଣ୍ଟାଲ୍ ବାସିଖାଦ୍ୟ

**ଭୁବନେଶ୍ୱର, ୨୨।୨(ସମିସ):** ଲାଲ୍ ଲାଲ୍ ଆଉ ହଳଦୀ ଚିକେନ୍ ପକୋଡ଼ା, ରଙ୍ଗ ବେରଙ୍ଗର ଚାଓମିନ୍। ପ୍ରତ୍ୟେକ ଫାଷ୍ଟଫୁଡ୍‌କୁ ଏଭଳି ପ୍ରସ୍ତୁତ କରାଯାଉଛି ଯାହା ଅଧିକୁ ବଢ଼ିଆ ଦେଖାଯାଉଛି। ଲାଗୁଛି ଯେପରି ତେଲରେ ଅଧିକ ସମୟ ଧରି ଫ୍ରାଏ କରାଯାଉଛି। ସମାନ ଅବସ୍ଥା ଚାଟ୍ ଦୋକାନରେ। ଖାଇଲା ବେଳେ ଚାଟ୍ ଯଦି ହାତରେ ଲାଗିଯାଏ ହାତ ଧୋଇଲା ବେଳକୁ ହାତରୁ ନାଲିପାଣି ନିଗିଡୁଛି। ବିଭିନ୍ନ ଘୁଗୁନି ଦୋକାନରେ ମଧ୍ୟ ସମାନ ଅବସ୍ଥା। ଏହାସହିତ ଯେଉଁ ଖାଦ୍ୟ ବକ୍ରି ହୋଇଯାଉଛି, ଯେତେ ଖରାପ ହେଲେ ମଧ୍ୟ ଦୋକାନୀମାନେ ଫୋପାଡୁ ନାହାନ୍ତି। କିଛି ଖାଦ୍ୟ ଷ୍ଟଲରେ ଖଣ୍ଡଗିରି ଯାତ୍ରାରେ ନିୟମିତ ଏଭଳି ଖାଦ୍ୟ ଲୋକଙ୍କୁ ପରଷି ଦେଉଛନ୍ତି। ଏହାକୁ ଖାଇବା ପରେ ଲୋକେ ଅସୁସ୍ଥ ହୋଇପଡୁଛନ୍ତି। ଅନ୍ୟପକ୍ଷରେ ଅଳିଆ ପାଇଁ ଦୋକାନ ସିଲ୍ କରାଯାଉଥିଲା ବେଳେ ଅଖାଦ୍ୟକୁ ଧରାପଡ଼ିଲା ବେଳେ କେବଳ ଜରିମାନା ଆଦାୟ ଓ ତାଗିଦ୍‌ରେ ସୀମିତ ରହିଛି ବିଏମ୍‌ସି।

ଖଣ୍ଡଗିରିରେ ଲୋକଙ୍କ ଭିଡ଼ ବଢ଼ିବା ସାଙ୍ଗକୁ ଅସାଧୁ ଖାଦ୍ୟ ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଛନ୍ତି। ମେଳା ପୂର୍ବରୁ ଏଭଳି ବ୍ୟବସାୟୀଙ୍କୁ ସାବାଡ଼ କରିବାକୁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯାଇଥିଲା। ବାସି ଓ ଅପମିଶ୍ରିତ ଖାଦ୍ୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଗତ ୧୬ ତାରିଖରୁ ବିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଏଠାରେ ଡେରା ପକାଇଛି। ପ୍ରତ୍ୟେକ ଦିନ ବିଏମ୍‌ସି ପକ୍ଷରୁ ଯାଞ୍ଚ ମଧ୍ୟ କରାଯାଉଛି। ହେଲେ ପ୍ରତ୍ୟେକ ଦିନ ୩୦ କିଲୋଗ୍ରାମ୍‌ରୁ ଅଧିକ ଅପମିଶ୍ରିତ ଓ ବାସିଖାଦ୍ୟ ଜବତ ହେଉଛି। ସପ୍ତାହକ ମଧ୍ୟରେ ପ୍ରାୟ ୨ କ୍ୱିଣ୍ଟାଲ ଖାଦ୍ୟ ନଷ୍ଟ କରାଗଲାଣି। ୧୯ତାରିଖ ଦିନ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାରରେ ୨୭ଟି ଖାଦ୍ୟ ନମୂନା ପରୀକ୍ଷା ହୋଇଥିବା ନେଇ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ଦୋକାନ ସିଲ୍ କରାଯାଇ ନାହିଁ କିମ୍ବା ମେଳାରେ ଦିଆଯାଇଥିବା ଲାଇସେନ୍ସ ରଦ୍ଦ କରାଯାଇ ନାହିଁ।

ରାଜଧାନୀରେ ବର୍ଷସାରା କେଉଁଠି ନା କେଉଁଠି ମେଳା ମହୋତ୍ସବ ଲାଗି ରହିଛି। ଏଥିସମେତ ବାଲିଯାତ୍ରା, ଦଶହରା, ମେଳା ଅନୁଷ୍ଠିତ ହେଉଛି। ଅଧିକାଂଶ ବ୍ୟବସାୟୀମାନେ ପ୍ରତ୍ୟେକ ଉତ୍ସବରେ ବ୍ୟବସାୟ କରୁଛନ୍ତି। ପ୍ରତ୍ୟେକ ଯାତ୍ରାରେ ଅଖାଦ୍ୟ ପରଷୁଥିଲା ବେଳେ ଧରାପଡୁଛନ୍ତି। ହେଲେ ସେମାନଙ୍କ ଖାଦ୍ୟକୁ ନଷ୍ଟ କରାଯାଉଛି ନ ହେଲେ ଜରିମାନା ଆଦାୟ କରାଯାଉଛି। ସେଭଳି କୌଣସି ଦୃଢ଼ କିମ୍ବା ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏଭଳି ବ୍ୟବସାୟୀଙ୍କୁ ଚିହ୍ନଟ କରି ପରବର୍ତ୍ତୀ ଉତ୍ସବରେ ବ୍ୟବସାୟ କରିବା ପାଇଁ ବାରଣ କରିବାକୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ବ୍ୟବସାୟୀ କହିଛନ୍ତି ଯିଏ ଯେତେ ରଙ୍ଗ ପକାଉଛି ତା'ର ବ୍ୟବସାୟ ସେତେ ଭଲ ହେଉଛି। ଏଠାରେ କିଏ କେତେ ରଙ୍ଗ ମିଶାଇ ଗ୍ରାହକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିପାରିବ ସେ ଦିଗରେ ଏକ ପ୍ରକାର ପ୍ରତିଯୋଗିତା ଚାଲୁଛି। ଯିଏ ରଙ୍ଗ ମିଶାଉ ନାହିଁ ତା ଆଡ଼କୁ ଗ୍ରାହକ ଯାଉନାହାନ୍ତି। ଯଦି ରଙ୍ଗ ନ ମିଶାଇବାକୁ ବିଏମ୍‌ସି ନିୟମ କଡାକଡି କରିବା ଆମେ କେହି ମିଶେଇବୁ ନାହିଁ ବୋଲି କହିଛନ୍ତି ଜଣେ ବ୍ୟବସାୟୀ।

### ମେଳା ୪ ଦିନରେ ୨୦ ଲୁଟ୍

**ଭୁବନେଶ୍ୱର, ୨୨।୨(ସମିସ):** ଖଣ୍ଡଗିରି ମେଳାରେ ମାତିଛନ୍ତି ବିହାରୀ ଲୁଟେରା ଗ୍ୟାଙ୍ଗ। ସେମାନେ ଛୋଟ ପିଲାଙ୍କୁ ଲୁଟ ପାଇଁ ବ୍ୟବହାର କରୁଛନ୍ତି। ଗତ ୪ଦିନ ଭିତରେ ଏହିଭଳି ୨୦ଟି ଲୁଟ୍ ଅଭିଯୋଗ ହୋଇଛି। ମୋବାଇଲ୍ ଲୁଟ୍ ଅଭିଯୋଗରେ ପୁଲିସ ମିସିଂ କେସ୍ କରି ଛାଡ଼ି ଦେଉଛି। ଏହି ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାକୁ ପୁଲିସ କର୍ମଚାରୀ ସାଧା ପୋଷାକରେ ମେଳାରେ ପଇନ୍ତରା ମାରୁଛନ୍ତି।

ସମୃଦ୍ଧି ଅଭିମୁଖେ ଓଡ଼ିଶାର ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ ଚିପ୍ କ୍ଷେତ୍ର

# ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ନୀତିରେ ସଂଶୋଧନ

**ଭୁବନେଶ୍ୱର,୨୨।୨(ସମିସ):** ରାଜ୍ୟରେ ଆଇଟି ଶିଳ୍ପକ୍ଷେତ୍ରକୁ ସମୃଦ୍ଧ କରି ଏକ ବ୍ୟାପକ, ପ୍ରତିଯୋଗିତାମୂଳକ ଏବଂ ଆକର୍ଷଣୀୟ ଆର୍ଥିକ ସହାୟତା ଢାଞ୍ଚା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବ୍ଲେସ୍ ପଲିସି-୨୦୨୩ରେ ସଂଶୋଧନ ଆଣିଛନ୍ତି। ସହ ସମନ୍ୱୟ ସୁନିଶ୍ଚିତ କରିବା ସହିତ ନିକଟ ଅତୀତରେ କାର୍ଯ୍ୟକାରୀ ହୋଇଥିବା ସେମିକଣ୍ଡକ୍ଟର ନୀତି ଅନୁଯାୟୀ, ତା'ଠାରୁ ଅଧିକ ବ୍ୟବସ୍ଥା କରିବା ଏହି ସଂଶୋଧନର ଉଦ୍ଦେଶ୍ୟ ରହିଛି। ଏହା ଫଳରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ବିଶ୍ୱସ୍ତରରେ ଏକ ଆକର୍ଷଣୀୟ ରାଜ୍ୟଭାବେ ପରିଗଣିତ ହୋଇପାରିବ।

■ ସୁଧ ଛାଡ଼ ସୀମା ୫ପ୍ରତିଶତରୁ ୨୫%କୁ ବଢ଼ିଲା
■ ଗବେଷଣା ଓ ବିକାଶ ପାଇଁ ଖର୍ଚ୍ଚ ହେବ ୨ କୋଟି
■ କୋର୍ ଅପରେସନ୍ କର୍ମଚାରୀଙ୍କର ହେବ ଦକ୍ଷତା ବିକାଶ

ସେମିକଣ୍ଡକ୍ଟର ତଥା ଇଲେକ୍ଟ୍ରୋନିକ୍ ଚିପ୍ ଉତ୍ପାଦନ ଏବଂ ରାଜ୍ୟରେ ଥିବା ଏହି ଉତ୍ପାଦଗୁଡ଼ିକର ଫାବ୍ଲେସ୍ ଡିଜାଇନ୍ ସଂସ୍ଥା ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ଏହି ନୀତିକୁ ସଂଶୋଧନ କରିଛନ୍ତି। ଏ ନେଇ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଭାରତୀୟ ସେମିକଣ୍ଡକ୍ଟର ମିଶନ୍‌ର ମାର୍ଗଦର୍ଶିକା

ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା ବେଳେ ପ୍ରତିଯୋଗିତାମୂଳକ ବଜାର ଓ ସମ୍ଭାବ୍ୟ ନିବେଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସରକାର ଏହି ନୀତିରେ କିଛି ସଂଶୋଧନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍ଆଇ), ସୁଧରେ ରିହାତି ତଥା ଗବେଷଣା, ବିକାଶ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣରେ ପୁଞ୍ଜିନିବେଶ ଅଧିନରେ ଆର୍ଥିକ ସହାୟତା ପାଇଁ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏହି ସଂଶୋଧନ ପ୍ରସ୍ତୁତ କରାଯାଇଛି। ଏହି ସଂଶୋଧନ ଅନୁସାରେ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରୁଥିବା ବୃହତ୍ ପ୍ରକଳ୍ପଗୁଡ଼ିକ ଏବେ ସୁଧ ରିହାତି ବାବଦରେ ୭ ବର୍ଷ ପାଇଁ ବାର୍ଷିକ ୨୫ କୋଟି ଟଙ୍କାର ସର୍ବୋଚ୍ଚ ଖର୍ଚ୍ଚ ସୀମାର ସୁବିଧା ପାଇବେ। ସୁଧ ଛାଡ଼ ପାଇଁ ପୂର୍ବ ନିର୍ଦ୍ଧାରିତ ୫% ସର୍ବୋଚ୍ଚ ସୀମାକୁ ଉଚ୍ଛେଦ କରାଯାଇ ୨୫%କୁ ବୃଦ୍ଧି କରାଯାଇଛି। ଏହା ସହିତ ବୃହତ୍ ପ୍ରକଳ୍ପଗୁଡିକ ୧୦ ବର୍ଷ ପାଇଁ ବାର୍ଷିକ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଗବେଷଣା ଓ ବିକାଶ ପାଇଁ ଖର୍ଚ୍ଚ ପାରିପାରିବେ। ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ କ୍ଷେତ୍ରରେ ସମସ୍ତ ୟୁନିଟ୍ ଉତ୍ପାଦନ ଆରମ୍ଭ ହେବାର ୭ ବର୍ଷର ଅବଧି ମଧ୍ୟରେ କ୍ରମାଗତ ୫ ବର୍ଷ ପାଇଁ ପ୍ରୋତ୍ସାହନ ନିମନ୍ତେ ଆବେଦନ କରିପାରିବେ। କୋର୍ ଅପରେସନରେ ନିୟୋଜିତ କର୍ମଚାରୀଙ୍କୁ ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ପାଇଁ ଯୋଗ୍ୟ ୟୁନିଟଗୁଡ଼ିକ ୫ ବର୍ଷ ପାଇଁ ବାର୍ଷିକ ୨କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ।

■ ଆଜୀବନ କଏଦୀଙ୍କ ପାଇଁ ବରଦାନ ସାଜିଛି ସଜା ସମୀକ୍ଷା କମିଟି

# ୩ବର୍ଷରେ ୪୦୭ କଏଦୀ ମୁକ୍ତ ପାଇଁ ସୁପାରିସ୍ କରିଛି କମିଟି

**ଭୁବନେଶ୍ୱର, ୨୨।୨(ସମିସ):** ଆଜୀବନ କଏଦୀଙ୍କ ପାଇଁ ବରଦାନ ସାଜିଛି ସଜା ସମୀକ୍ଷା କମିଟି। ଏହି କମିଟି ଦ୍ୱାରା ୩ବର୍ଷରେ ୪୦୭ କଏଦୀ ଜେଲ୍‌ରୁ ମୁକ୍ତ ପାଇଁ ସୁପାରିସ୍ କରିଛି। ଜାତୀୟ ମାନବିକ ଅଧିକାର କମିଶନଙ୍କ ନିର୍ଦ୍ଦେଶାବଳି ଭିତ୍ତିରେ ଓଡ଼ିଶା ସରକାର ଆଜୀବନ ସଜା ଭୋଗୁଥିବା ଦୋଷୀ ବନ୍ଦୀ ମାନଙ୍କୁ ଜେଲରୁ ଖଲାସ କରିବା ପାଇଁ ଏକ ନୀତି କରିଛନ୍ତି। ସେହି ନୀତି ଅନୁସାରେ ଗୁରୁତର ଅପରାଧରେ ଦୋଷୀସବ୍ୟସ୍ତ ହୋଇଥିବା ବନ୍ଦୀ ଛୁଟି ସହ କୋଡିଏ ବର୍ଷ ପର୍ଯ୍ୟନ୍ତ ଜେଲରେ ରହିଥିଲେ ତାଙ୍କର ସଜା କୋହଳ ପାଇଁ ସରକାରଙ୍କ ଦ୍ୱାରା ଗଠିତ ସଜା କୋହଳ କମିଟି ବିଚାର କରିବେ। କୌଣସି ପରିସ୍ଥିତିରେ ଜଣେ ସର୍ବାଧିକ ପଚିଶ ବର୍ଷ ଜେଲରେ ରହିବେ ନାହିଁ ବୋଲି ଏହି ନୀତିରେ ରହିଛି। ଏହି ନୀତି ଥିବା ବେଳେ ଆମ ରାଜ୍ୟରେ ବହୁତ ବନ୍ଦୀ ପଚିଶ ବର୍ଷ ଜେଲରେ ରହିଥିବା ନେଇ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମିଳିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୧୯- ୨୦୨୩ ସୁଦ୍ଧା କୋଡିଏ ବର୍ଷ ସଜା ଭୋଗିଥିବା ୩୦ ଜଣଙ୍କୁ ଖଲାସ ପାଇଁ ଏହି କମିଟି ସରକାରଙ୍କୁ ସୁପାରିଶ କରିଛି। ୨୧ ବର୍ଷ ଜେଲରେ ଥିବା ଦୋଷୀ ବନ୍ଦୀଙ୍କ ଭିତରୁ ୨୨ ଜଣ, ୨୨ ବର୍ଷ ସଜା ଭୋଗି ସାରିଥିବା ଜଣେ, ୨୩ ବର୍ଷ ଜେଲରେ ଥିବା ୧୪ ଜଣ, ୨୪ ବର୍ଷ ଜେଲ ଜୀବନ ବିତାଇଥିବା ୯ ଜଣ ଓ ୨୫ ବର୍ଷ ଜେଲରେ ଥିବା ୧୨ ଜଣ ବନ୍ଦୀକୁ ଖଲାସ ପାଇଁ ରାଜ୍ୟ ଦଣ୍ଡ କୋହଳ କମିଟି ପକ୍ଷରୁ ସରକାରଙ୍କୁ ସୁପାରିଶ କରାଯାଇଛି। ୨୭ ବର୍ଷ ବନ୍ଦୀ ଥିବା ୫ ଜଣ, ୨୮ ବର୍ଷ ବନ୍ଦଇଥିବା ୪ ଜଣ, ୨୯ ବର୍ଷ

■ ବ୍ୟବହାରେ ପରିବର୍ତ୍ତନ ଆସିବା କଏଦୀଙ୍କୁ ଦିଆଯାଉଛି ସୁଯୋଗ
■ ଚୌଦ୍ୱାର ଜେଲ୍‌ରେ ସର୍ବାଧିକ୨୭ ବର୍ଷ ଜଣେ କଏଦୀ ସଜା କାଟୁଛନ୍ତି

ବନ୍ଦୀ ଥିବା ଜଣେ, ୩୦ ବର୍ଷ ବନ୍ଦୀ ଥିବା ୪ ଜଣ, ୩୪ ବର୍ଷ ବନ୍ଦୀ ଥିବା ଜଣେ, ୩୫ ବର୍ଷ ବନ୍ଦୀ ଥିବା ଜଣେ ଏବଂ ୩୬ ବର୍ଷ ବନ୍ଦୀ ଥିବା ଜଣେ ବନ୍ଦୀଙ୍କୁ ଖଲାସ ପାଇଁ କମିଟି ପକ୍ଷରୁ ସୁପାରିଶ କରାଯାଇଛି। ଉଲେଖଯୋଗ୍ୟ ଯେ, ୩୫ ବର୍ଷ ଜେଲ ଭୋଗିଥିବା ଜଣେ କଏଦୀଙ୍କୁ ଖଲାସ ପାଇଁ କମିଟି ସୁପାରିଶ କରିଥିଲା। ଏହାପରେ ସେ ଖଲାସ ହୋଇଥିବା ସୂଚନା ମିଳିଛି। ଏଭଳି ଏକ ସମ୍ବେଦନଶୀଳ ଓ ସାମ୍ବିଧାନିକ ପ୍ରସଙ୍ଗକୁ କେତେ ହାଲୁକା ଭାବେ ନିଆଯାଉଛି ତାହାର ଏହା ଏକ ନମୁନା ବିଭିନ୍ନ ଜେଲ୍‌ରେ ଦେଖିବାକୁ ମିଳୁଛି। ଚୌଦ୍ୱାର ସର୍କଲ ଜେଲରେ ଜଣେ ବନ୍ଦୀ ୨୭ ବର୍ଷ ଧରି ରହିଥିଲେ ମଧ୍ୟ ସେ ଦୁଇଟି ହତ୍ୟାକାଣ୍ଡ ସହ ଜଡିତ ବୋଲି ତାଙ୍କୁ ଖଲାସ କରିବା ପାଇଁ ଏହି କମିଟି ସୁପାରିଶ କରିନାହିଁ। ସେହିପରି ଓଡ଼ିଶା ମାନବିକ ଅଧିକାର କମିଶନ ପକ୍ଷରୁ ୬ ଜଣ ବନ୍ଦୀଙ୍କ ମୁକ୍ତି ପାଇଁ ସୁପାରିକ୍ କରିଛି। ଏହି ବିଷୟକୁ ବୈଷୟିକ କାରଣ ଦେଖେଇ ଏହି କମିଟି ବିଚାରକୁ ନେଇ ନ ଥିଲେ। ୧୯୯୭ ମସିହାରେ ଅଗରପଡ଼ା କଲେଜରେ ପାଠ ପଢୁଥିବା ବେଳେ ଗୋପାଳ ଦାସ ଏକ ହତ୍ୟାକାଣ୍ଡ ସହ ଜଡିତ ହୋଇ ସଜା ପାଇ ସେହି ଦିନଠାରୁ ଜେଲରେ ଅଛନ୍ତି। ତାଙ୍କୁ ଖଲାସ କରିବା ବିଷୟ ବିଚାରପାଇଁ କମିଶନଙ୍କ ସୁପାରିଶକୁ ମଧ୍ୟ ଏଡେଇ ଦିଆଯାଇଛି।। ଗୃହ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ଏଥିରେ ଅଧ୍ୟକ୍ଷଙ୍କ ସମେତ ସମୁଦାୟ ୬ ଜଣ ସଦସ୍ୟ "ତିନିମାସରେ ଅନ୍ୟୁନ ଥରେ ଏହି କମିଟି ବସିବା ପାଇଁ ନୀତି ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ଅବଧି ମଧ୍ୟରେ ସମୁଦାୟ କମିଟିର ୧୦ ଥର ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି।

# 'ସ୍ୱୟମ୍' ଯୋଜନାକୁ କାର୍ଯ୍ୟକ୍ଷମ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର,୨୨।୨(ସମିସ):** ଯୁବଗୋଷ୍ଠୀଙ୍କୁ ସ୍ୱତନ୍ତ୍ର ଯୁବ ଉଦ୍ୟମୀରେ ପରିଣତ କରିବାକୁ ରାଜ୍ୟ ସରକାର 'ସ୍ୱୟମ୍' ଯୋଜନା ଆରମ୍ଭ କରିଛନ୍ତି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ

● ୮୫:୧୫ ଅନୁପାତରେ ଗ୍ୟାରେଣ୍ଟି ଦେବେ ସିଜିଟିଏମ୍ଏସ୍ଇ ଓ ରାଜ୍ୟ ସରକାର
● ସମସ୍ତ ସୁଧ ବହନ କରିବେ ରାଜ୍ୟ ସରକାର

ରାଜ୍ୟ ସରକାର ଓ କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ୍ ଏଣ୍ଟରପ୍ରାଇଜେସ୍ (ସିଜିଟିଏମ୍ଏସ୍ଇ) କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣା ପତ୍ର ଅନୁଯାୟୀ ସ୍ୱୟମ୍ ଯୋଜନାରେ ସିଜିଟିଏମ୍ଏସ୍ଇ ଋଣର ୮୫% ଅର୍ଥ ଓ ରାଜ୍ୟ ସରକାର ଅବଶିଷ୍ଟ ୧୫% ପ୍ରତିଶତ ଗ୍ୟାରେଣ୍ଟି ଆକାରରେ ପ୍ରଦାନ କରିବେ। ଏହାସହ ସିଜିଟିଏମ୍ଏସ୍ଜି ଗ୍ୟାରେଣ୍ଟି ଅଂଶ ବାବଦ ବାର୍ଷିକ ଗ୍ୟାରେଣ୍ଟି ଦେୟ ଋଣ ଗ୍ରହିତାଙ୍କ ତରଫରୁ




ରାଜ୍ୟ ସରକାର ବହନ କରିବେ।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସହ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ବ୍ୟାଙ୍କର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ଏହି ବୁଝାମଣା ପତ୍ରକୁ ସିଜିଟିଏମ୍ଏସ୍ଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ବର୍ମା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ବିଭାଗର ଅନୁଷ୍ଠାନିକ ଅର୍ଥ ନିର୍ଦ୍ଦେଶକ ଡ. ପ୍ରଜ୍ଞାସ୍ମିତା ସାହୁ ସ୍ୱାକ୍ଷର କରିଛନ୍ତି। ଯୋଜନା ସମ୍ପର୍କରେ ବ୍ୟାଙ୍କ ଅଧିକାରୀଙ୍କୁ ଅବଗତ କରି ଋଣର ସମସ୍ତ ସୁଧଭାର ରାଜ୍ୟ ସରକାର ବହନ କରୁଥିବା ବିଷୟ ବ୍ୟାଙ୍କ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି।

ସୂଚନାଯୋଗ୍ୟ, ସ୍ୱୟମ୍ ଯୋଜନାରେ ୧୮ରୁ ୩୫ବର୍ଷ ବୟସ୍କ ଯୁବକ ଯୁବତୀଙ୍କୁ ନୂଆ କିମ୍ବା ଚାଲୁ ରହିଥିବା ବ୍ୟବସାୟକୁ ବଢ଼ାଇବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ। ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ, ସହରାଞ୍ଚଳର କିନ୍ନରମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୦ବର୍ଷ ରହିଛି। ଏହି ଋଣ ପାଇଁ ଋଣ ଗ୍ରହିତାଙ୍କୁ ବ୍ୟାଙ୍କରେ କୌଣସି ବନ୍ଧକ ରଖିବାକୁ ପଡ଼ିବ ନାହିଁ କିମ୍ବା ବ୍ୟାଙ୍କକୁ କୌଣସି ପ୍ରୋସେସିଂ ଫି' ଦେବାକୁ ପଡ଼ିବ ନାହିଁ। ବ୍ୟାଙ୍କର ପ୍ରଚଳିତ ନିୟମ ଅନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ରିହାତି ଅବଧିକୁ ମିଶାଇ ପରିଶୋଧ ଅବଧି ୪ ବର୍ଷ ରହିଛି।

● 'ନୂଆ-ଓ' କାର୍ଯ୍ୟକ୍ରମରେ ହେବ ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# କାର୍ଯ୍ୟକ୍ରମର ବଜେଟ୍ ପରିମାଣକୁ ୩୧୫ କୋଟି ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୨୨।୨(ସମିସ):** 'ନୂଆ-ଓ' ଅଧୀନରେ ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ଯୁବବର୍ଗଙ୍କୁ ସମ୍ପୂର୍ଣ୍ଣ ସମର୍ଥ, ପ୍ରୋତ୍ସାହିତ ଏବଂ ନିୟୋଜିତ କରିବା ସହିତ ସେମାନଙ୍କୁ ତାଙ୍କର ଅନ୍ତର୍ନିହିତ ସାମର୍ଥ୍ୟ ସହିତ ପରିଚିତ କରାଇବା ଏହି କର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। ଏହି କ୍ରମରେ ତୃଣମୂଳସ୍ତରରେ କ୍ରୀଡ଼ାକୁ ବ୍ୟାପକ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଗୁରୁବାର ରାଜ୍ୟ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ଉପରେ ମୋହର ବାଜିଥିବା ବେଳେ 'ନୂଆ-ଓ' ଜିଲ୍ଲା ଉତ୍ସବ ମାନଙ୍କର ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନର କାର୍ଯ୍ୟକ୍ରମକୁ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ଏହି କାର୍ଯ୍ୟକ୍ରମର ବଜେଟ୍ ପରିମାଣକୁ ୩୧୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାର ସୂଚନା ଦେଇଛନ୍ତି।

ନିକଟରେ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ଯୁବ ସଶକ୍ତିକରଣ ପାଇଁ 'ନୂଆ-ଓ' ନାମକ ସଶକ୍ତିକରଣ ପଦକ୍ଷେପ ହାତକୁ ନେଇଛନ୍ତି। ନବ ଓଡ଼ିଶା ନିର୍ମାଣ ନିମନ୍ତେ ଏହି ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ରାଜ୍ୟର ଯୁବବର୍ଗଙ୍କୁ ସମ୍ପୂର୍ଣ୍ଣ ସମର୍ଥ, ପ୍ରୋତ୍ସାହିତ ଏବଂ ନିୟୋଜିତ କରିବା ସହିତ ସେମାନଙ୍କୁ ତାଙ୍କର ଅନ୍ତର୍ନିହିତ ସାମର୍ଥ୍ୟ ସହିତ ପରିଚିତ କରାଇବା ଏହି କର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଜ୍ୟ ସରକାର କହିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କ କ୍ରୀଡ଼ା, ସାଂସ୍କୃତିକ, ସାହିତ୍ୟିକ ଏବଂ ବିଭିନ୍ନ ରଚନାତ୍ମକ କାର୍ଯ୍ୟକଳାପ ତଥା ସାମାଜିକ କାର୍ଯ୍ୟକ୍ରମମାନଙ୍କରେ ସମ୍ପୃକ୍ତି ହେବା ନିମନ୍ତେ ପ୍ରୋତ୍ସାହିତ କରାଯାଉଛି। ରାଜ୍ୟର ଶିକ୍ଷାନୁଷ୍ଠାନର ଯୁବବର୍ଗଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏହି କାର୍ଯ୍ୟକ୍ରମଟି ଉଦ୍ଦିଷ୍ଟ ରହିଛି। ଏତଦ୍‌ବ୍ୟତୀତ ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ସମସ୍ତ ଯୁବବର୍ଗଙ୍କ ନିମନ୍ତେ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ 'ନୂଆ-ଓ' ଜିଲ୍ଲା ଉତ୍ସବ ପାଳନ, ତଥା ଡିଜିଟାଲ ମଞ୍ଚକୁ ବ୍ୟବହାର କରି ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ଅଭିନବ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ରାଜ୍ୟରେ ଯୁବ କଲ୍ୟାଣ ତଥା ଯୁବ ବିକାଶର ଅନନ୍ୟ ଧାରା ସୃଷ୍ଟି ହେବାର ବାଟ ଖୋଲିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

■ ଦିନିକିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ

# ଗରିବଙ୍କୁ କଂଗ୍ରେସ ସବୁବେଳେ ଧୋକ୍କା ଦେଇଛି କଂଗ୍ରେସ: ରାଜନାଥ



**ନବରଙ୍ଗପୁର/ବାରିପଦା/ବ୍ରହ୍ମପୁର, ୨୨।୨(ସମିସ):** ଓଡ଼ିଶାରେ ଆଉ କଂଗ୍ରେସ ଆସିବ ନାହିଁ। କଂଗ୍ରେସ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶବାସୀଙ୍କୁ ଧୋକ୍କା ଦେଇଛି। ବିଶେଷକରି ସବୁ ସମୟରେ ଗରିବ ଲୋକଙ୍କୁ ଧୋକ୍କା ଦେଇଛି। ଗଣ୍ଡାଗଣ୍ଡା ପ୍ରକଳ୍ପ ଶିଳାନ୍ୟାସ କରି ଓଡ଼ିଶାବାସୀଙ୍କୁ ସବୁବେଳେ ଭଣ୍ଡାଇଛି କଂଗ୍ରେସ। ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି କଂଗ୍ରେସ ବିରୋଧରେ ଏପରି ବର୍ଷିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂ ନବରଙ୍ଗପୁର ଜିଲ୍ଲା ସେମତ ବ୍ରହ୍ମପୁର ଓ ବାରିପଦାରେ ଅନୁଷ୍ଠିତ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଏହି ଅବସରରେ ସେ କହିଥିଲେ ଯେ ଓଡ଼ିଶା ସହ ଆମ ସରକାର ଭେଦଭାବ କରିନି। ଏଠାରେ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ ବଢ଼ିଛି। ଦେଶର ଜନତାଙ୍କ ସେବା କରିବା ଆମ ପ୍ରଧାନମନ୍ତ୍ରୀଙ୍କ ଏକମାତ୍ର ଉଦ୍ଦେଶ୍ୟ। ଆମ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ନୁହେଁ, କାର୍ଯ୍ୟ ପୂରଣ କରୁଛନ୍ତି। ଏହି କାର୍ଯ୍ୟକ୍ରମଗୁଡ଼ିକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂଦେଓ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସାଂସଦ ସଂଗୀତା ସିଂଦେଓ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

ଆଇନଜୀବୀ ପରିଷଦ ବୈଠକରେ ନିଷ୍ପତ୍ତି

# ଆଡ୍‌ଭୋକେଟ ଏକାଡେମୀ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଦିଆଯିବ ପ୍ରସ୍ତାବ

**କଟକ,୨୨।୨(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର ସାଧାରଣ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯାଇଛି। ବିଶେଷକରି ଆଇନଜୀବୀଙ୍କର ବହୁପ୍ରତୀକ୍ଷିତ ଦାବି ତଥା ଆଡଭୋକେଟ୍ ଏକାଡେମୀ ଗଠନ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଜମି ଏବଂ ଅର୍ଥ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ଏକ ଅନୁରୋଧ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇଦେବା ନିମନ୍ତେ ମଧୁବାବୁ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ସେହିଭଳି କେତେକ ରାଜ୍ୟରେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ହୋଇସାରିଛି। ଏଣୁ ଓଡ଼ିଶାରେ ଆଇନଜୀବୀଙ୍କ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଦୀନେଶ ଚନ୍ଦ୍ର ରାୟ ଏବଂ ଅକ୍ଷୟ କୁମାର ପତି ବୈଠକରେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଆଡଭୋକେଟ ୱେଲଫେୟାର କର୍ପସ ପାଣ୍ଠିକୁ ସ୍ଥଗିତ ରଖିବା ସହ ବିଭିନ୍ନ ବାର୍ ନିର୍ବାଚନ ପାଇଁ ଦିଆଯାଉଥିବା ଖର୍ଚ୍ଚ ବନ୍ଦ କରିବା ପାଇଁ ପରିଷଦର ଉଭୟ ଧ୍ୟାନ ଆକର୍ଷଣ କରିଥିଲେ। ତେବେ ସର୍ବସମ୍ମତକ୍ରମେ ବାର୍ ଆସୋସିଏସନ୍‌ଗୁଡ଼ିକୁ ଦିଆଯାଉଥିବା ନିର୍ବାଚନ ଖର୍ଚ୍ଚ ବନ୍ଦ ସହ ଆଡଭୋକେଟ୍ ୱେଲଫେୟାର କର୍ପସ ପାଣ୍ଠି ଦ୍ୱାରା ଚାଲୁଥିବା ୧୦୦ ଟଙ୍କିଆ ଷ୍ଟାମ୍ପ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉପରୋକ୍ତ ପଦକ୍ଷେପ ସର୍ବସମ୍ମତକ୍ରମେ ନିଆଯାଇଥିବାରୁ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ସପ୍ତମ ବେତନ କମିଶନକୁ ଅନୁମୋଦନ

# ଉପକୃତ ହେବେ ପ୍ରାୟ ୯୫୯୪ କର୍ମଚାରୀ

**ଭୁବନେଶ୍ୱର,୨୨।୨(ସମିସ):** ଅଣସରକାରୀ ଉଚ୍ଚ ବିଦ୍ୟାଳୟ ଓ ସଂସ୍କୃତ ଟୋଲ୍ କର୍ମଚାରୀମାନେ ସପ୍ତମ ବେତନ କମିଶନ ଆଧାରରେ ଦରମା ପାଇବେ। ଏଥିରେ ରାଜ୍ୟର ନୂତନ ସହାୟତା ପ୍ରାପ୍ତ ଅଣ ସରକାରୀ ୬୨୭ଟି ଉଚ୍ଚ ବିଦ୍ୟାଳୟ ଓ ୩୯ ଟି ସଂସ୍କୃତ ଟୋଲ୍‌ର କର୍ମଚାରୀ ଉପକୃତ ହେବେ। ଶତ ପ୍ରତିଶତ ଅନୁଦାନ ପାଉଥିବା ପ୍ରାୟ ୭୭୯୬ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଏବେ ବର୍ଦ୍ଧିତ ହାରରେ ଦରମା ପାଇବେ। ଏହାକୁ ରାଜ୍ୟ କ୍ୟାବିନେଟ୍ ଗୁରୁବାର ଅନୁମୋଦନ କରିଛି।

ସେହିପରି ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୧୪ ସହାୟକ ଅନୁଦାନ ଆଦେଶ(ଜିଆଇଏ) ଅନୁଦାନପ୍ରାପ୍ତ କର୍ମଚାରୀ ମଧ୍ୟ ସପ୍ତମ ବେତନ କମିଶନ ହାରରେ ଦରମା ପାଇବେ। ଏଥିରେ ପ୍ରାୟ ୧୭୮୯ ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ସରକାର ବର୍ଷକୁ ଅତିରିକ୍ତ ୨୭.୩୭ କୋଟି ଟଙ୍କା ବହନ କରିବେ। ଏହା ପିଛିଲା ଭାବେ ଗତ ଜାନୁଆରୀ ମାସରୁ ଲାଗୁ କରିବାକୁ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି। ୨୦୨୨ ମସିହାରୁ ଏହି ଶ୍ରେଣୀର କର୍ମଚାରୀମାନେ ଶତପ୍ରତିଶତ ଅନୁଦାନ ପାଉଛନ୍ତି। ସମସ୍ତ ବର୍ଗର ପ୍ରାୟ ୯୫୯୪ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପକୃତ ହେବେ।

■ କାର୍ଯ୍ୟରେ ଅବହେଳା ପାଇଁ ଶିକ୍ଷକ ନିଲମ୍ବିତ

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ୍

**ଲହୁଣୀପଡ଼ା, ୨୨।୨ (ସମିସ):** କାର୍ଯ୍ୟରେ ଅବହେଳା ଓ ବିଦ୍ୟାଳୟରେ ଅନୁପସ୍ଥିତ ଯୋଗୁଁ ଲହୁଣୀପଡ଼ା ବ୍ଲକର ଜଣେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏହାସହ ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ସିଆରସିସିଙ୍କ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି। ସୂଚନାନୁସାରେ, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ ସାହୁ ଅର୍ଜୁନଝରି ଏବଂ ସାନ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଅର୍ଜୁନଝରି ବିଦ୍ୟାଳୟ ସହକାରୀ ଶିକ୍ଷକ ଧ୍ରୁବଚରଣ ନାୟକ ଅନୁପସ୍ଥିତ ଥିବା ବେଳେ କାମରେ ଘୋର ଅବହେଳା କରୁଥିବା ଦେଖିବାକୁ ପାଇଥିବାରୁ ନିଲମ୍ବନ ପାଇଁ ଲହୁଣୀପଡ଼ା ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ସାନ ନୂଆଗାଁ ବିଦ୍ୟାଳୟକୁ ପହଞ୍ଚିଲା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବା ବେଳେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ନ ଥିବା ଦେଖିବାକୁ ପାଇଥିଲେ। ଯେଉଁଥିପାଇଁ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ସହ କାରଣଦର୍ଶାଅ ନୋଟିସ ପାଇଁ ବିଇଓ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବିଦ୍ୟାଳୟଗୁଡ଼ିକର ଦାୟିତ୍ୱରେ ଥିବା ସିଆରସିସିଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବଣାଇଁ ଉପଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଲହୁଣୀପଡ଼ା ବିଇଓ ଭଗବାନ ବଙ୍କିରା ଉକ୍ତ ଶିକ୍ଷକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ସିଆରସିସିଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

ଭାଷା ଆନ୍ଦୋଳନ ଓଡ଼ିଶା ଓ ଉତ୍କଳ ସାମ୍ବାଦିକ ସଂଘର ଆଲୋଚନାଚକ୍ର

# ଭାଷା ହିଁ ଭବିଷ୍ୟତ

**ଭୁବନେଶ୍ୱର, ୨୨।୨(ସମିସ):** ଭାଷା ପାଇଁ ଗଣ ଓ ଗଣମାଧ୍ୟମର ପ୍ରୟାସ ଯୋଗୁ ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ପଥ ପରିଷ୍କାର ହୋଇଛି। ଆଇନଗତ ବିଧି ବ୍ୟବସ୍ଥା ପରେ ଏବେ ସରକାର ୨୦୧୭ ମସିହାର ଘୋଷଣା ମୁତାବକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ଓଡ଼ିଆ ଭାଷାର ବ୍ୟବହାରିକ ପଥ ପରିଷ୍କାର କରିଛନ୍ତି। ଏପରିକି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ନିଷ୍କର୍ଷ ଭାବରେ ଯେଉଁ ୧୮ ଗୋଟି ପ୍ରସ୍ତାବ ଗ୍ରହଣ କରିଛନ୍ତି ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫୦୦ ହାଇସ୍କୁଲରେ ପ୍ରଥମ ଥରପାଇଁ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବେ ବୋଲି ଘୋଷଣା କରିଛନ୍ତି। ଯାହାର ବିଧିବଦ୍ଧ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାଷା ଆନ୍ଦୋଳନ, ଓଡ଼ିଶାର ଆବାହକ ପବିତ୍ର ମହାରଥାଙ୍କ ଦ୍ୱାରା ସମ୍ପାଦିତ 'ଭାଷା ଆଇନ୍' ଓ 'ବିଧାନସଭାରେ ଭାଷା ଆଇନ'କୁ ଜନସାଧାରଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



ଭାଷା ଆଇନ ସମ୍ପର୍କିତ ସମସ୍ତ ତଥ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁବାର ଭାଷା ଆନ୍ଦୋଳନ ଓଡ଼ିଶା, ଓ ଉତ୍କଳ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହା କହିଛନ୍ତି। ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ କମିଟି ସଭାପତି ଜାନକୀଶ ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ଓଡ଼ିଆ ଭାଷାର ତତ୍ତ୍ୱ ଏବଂ ବିଶ୍ୱ ପଟଳରେ ଓଡ଼ିଆ ଭାଷାର ମହତ୍ୱ ଉପରେ ଆଲୋଚନା କରି କହିଥିଲେ ଯେ, ଭାଷା ହିଁ ଭବିଷ୍ୟତ। ଏଥିରେ ଭାଷା ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଭାଷା ଆଇନ ଉପରେ ଆଲୋକପାତ କରି କହିଥିଲେ ଯେ, ଭାଷା ଆଇନ ଓ ବିଧାନସଭାରେ ଭାଷା ଆଇନ ପୁସ୍ତକ ଆମ ଭାଷା ପାଇଁ ତଥା ଗବେଷକ ମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ। ସେହିପରି ପୁରୀର ପଣ୍ଡିତ ହରିଶଙ୍କର ମିଶ୍ର, ସ୍ତମ୍ଭକାର ଶୃତକୀର୍ତ୍ତି ତ୍ରିପାଠୀ, କବି ଦୁର୍ଗାଚରଣ ଷଡ଼ଙ୍ଗୀ, ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଭାଷା ଆନ୍ଦୋଳନର ଜନଚେତନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷାର ସର୍ବୋଚ୍ଚ ସମ୍ମାନ ପାଇଥିବା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭୂତି ପଟ୍ଟନାୟକ, ମନୋଜ ନାୟକ, ନାଟ୍ୟକାର ଉପେନ୍ଦ୍ର ଶର୍ମା, ନବ କିଶୋର ପ୍ରଧାନ, ଶଶାଙ୍କ ଶେଖର ଦାସ ପ୍ରମୁଖ ଭାଷାପ୍ରେମୀ ଅଂଶ ଗ୍ରହଣ କରି ଭାଷା ଆଇନ କିପରି କାର୍ଯ୍ୟକାରୀ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଶେଷରେ 'ଭାଷା ଆଇନ' ଓ 'ବିଧାନସଭାରେ ଭାଷା ଆଇନ' ପୁସ୍ତକର ସମ୍ପାଦକ ପବିତ୍ର ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୬ • ପାଉଣ୍ଡ ୧୦୫.୦୨
- ୟୁରୋ ୯୦.୧୯ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୬୧୦ (ନୂଆଦିଲ୍ଲୀ)
- ରୁପା : ୭୫,୮୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୧୫୮.୦୦
- ନିଫ୍ଟି ୨୨,୨୧୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଭାରତୀୟ ଅର୍ଥନୀତି ଓ ବଜାର ନେଇ ଜେଫ୍ରିଜ୍‌ର ପୂର୍ବାନୁମାନ

# ୨୦୨୭ ସୁଦ୍ଧା ଭାରତ ତୃତୀୟ ବୃହତ୍ତମ ଅର୍ଥନୀତି

ନୂଆଦିଲ୍ଲୀ,୨୨।୨(ଏଜେନ୍ସି)

ଆଗାମୀ ଚାରିବର୍ଷ ମଧ୍ୟରେ ଭାରତର ଜିଡିପି ୫ ଟ୍ରିଲିୟନ ଡଲାର ଛୁଇଁବା ସହ ୨୦୨୭ ସୁଦ୍ଧା ଏହାକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ଥିବା ଦେଶରେ ପରିଣତ କରିବ। ଭାରତ ଏହାର ଦ୍ରୁତତ୍ତମ ଓ ବୃହତ୍ତମ ଅର୍ଥନୀତି ଅଭିବୃଦ୍ଧି ହାର ବଳବତ୍ତର ରଖିବା ସହ ଜାପାନ ଓ ଜର୍ମାନୀକୁ ମଧ୍ୟ ଟପିଯିବ।

ରିପୋର୍ଟ ଅନୁସାରେ ଭାରତୀୟ ଅର୍ଥ ବଜାର ୪.୩ ଟ୍ରିଲିୟନ ଆମେରିକୀୟ ଡଲାର ସହ ବର୍ତ୍ତମାନ ବିଶ୍ୱରେ ୫ମ ସ୍ଥାନରେ ରହିଛି। ଏହି ସମୟରେ ଆମେରିକା (୪୪.୭ ଟ୍ରିଲିୟନ ଡଲାର), ଚୀନ(୯.୮ ଟ୍ରିଲିୟନ ଡଲାର), ଜାପାନ(୬ ଟ୍ରିଲିୟନ ଡଲାର) ଓ ହଂକଂ (୪.୮ ଟ୍ରିଲିୟନ) ଡଲାର ସହ ପ୍ରଥମ ଚାରୋଟି ସ୍ଥାନରେ ଅଛନ୍ତି। ଭାରତୀୟ ଇକ୍ୱିଟି ବଜାର ନିରବଚ୍ଛିନ ଭାବେ ଶତକଡା ଦଶଭାଗ ବାର୍ଷିକ ରିଟର୍ଣ୍ଣ

### ■ ବଜାର ପୁଞ୍ଜି ୨୦୩୦ ସୁଦ୍ଧା ୧୦ ଲକ୍ଷ କୋଟି

ନିରନ୍ତର ଆର୍ଥିକ ଅଭିବୃଦ୍ଧି ପ୍ରକ୍ରିୟା ଯୋଗୁଁ ଭାରତୀୟ ଷ୍ଟକ ବଜାର ୨୦୩୦ ସୁଦ୍ଧା ୧୦ ଟ୍ରିଲିୟନ ଆମେରିକୀୟ ଡଲାର ବା ୧୦ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ବୈଶ୍ୱିକ ପୁଞ୍ଜି ବିନିଯୋଗ ପରାମର୍ଶଦାତା ଜେଫ୍ରିଜ ଆକଳନ କରିଛି। ଏଜେନ୍ସି ଭାରତୀୟ ଅର୍ଥନୀତି ଓ ଏହାର ଅଂଶସମୂହ ବଜାର ନିମନ୍ତେ ଏକ ଆଶାଜନକ ପରିକଳ୍ପନା କରିଛି। ସର୍ବଶେଷ ଆକଳନ ଅନୁସାରେ ନ୍ୟୁୟର୍କ ସ୍ଥିତ ଏହି କମ୍ପାନୀ କହିଛି ଯେ ଗତ ଦଶନ୍ଧି ମଧ୍ୟରେ ଭାରତରେ ହୋଇଥିବା ମୌଳିକ ପରିପାଟୀଗତ ସଂସ୍କାର ଯୋଗୁଁ ଦେଶର ଏହା ସମ୍ପୂର୍ଣ୍ଣ ସାମର୍ଥ୍ୟ ଉପଯୋଗ କରିପାରିଛି।

ଡଲାର ମୂଲ୍ୟରେ ୫-୨୦ ବର୍ଷ ମଧ୍ୟରେ ରହିବାର ଅନୁମାନ କରାଯାଉଛି, ଯାହା ବୈଶ୍ୱିକ ବଜାର ଦୃଶ୍ୟପଟରେ ଅତି ଉତ୍ତମ ବିବେଚନା କରାଯାଇପାରେ।

ଏକ ନବୀକରଣୀୟ ପୁଞ୍ଜି ବ୍ୟୟଚକ୍ର ଓ ମଜବୁତ ରୋଜଗାର ପଦ୍ଧତି ଯୋଗୁଁ ଭାରତୀୟ ବଜାର ଆଗାମୀ ୫ରୁ ୭ବର୍ଷ ମଧ୍ୟରେ ଆକର୍ଷଣୀୟ ଅଭିବୃଦ୍ଧି ଘଟାଇବ। ଜ୍ରେଫିଜ ଆହୁରି ଅନୁମାନ କହିଛନ୍ତି ଯେ ଭାରତୀୟ ବଜାର ମାତ୍ର ୪.୭% ଘରୋଇ ଅଂଶଧନ ସଞ୍ଚୟ କରିଛି। ମାତ୍ର ଭାରତରେ ଡିଜିଟାଲ ଦେଣନେଣ ବୃଦ୍ଧି ପାରମ୍ପରିକ ଓ ପାଇକାରୀ ନିବେଶକାରୀ ମଧ୍ୟରେ ଥିବା ରେଖାକୁ ଅସ୍ପଷ୍ଟ କରିଦେଇଛି।




ନିଜ ଆଙ୍ଗୁଠି ସାମ୍ନାରେ ପ୍ରଯୁକ୍ତି ଯୋଗୁ ଖୁଚୁରା ନିବେଶକମାନେ ବର୍ତ୍ତମାନ ଷ୍ଟକ ବଜାରରେ ଅସ୍ୱାଭାବିକ ପ୍ରବେଶ ପାଇ ବିନିଯୋଗକାରୀଙ୍କ ଉଦ୍ୟମକୁ ଅଧିକ ଲୋକାଭିମୁଖି କରିଛନ୍ତି। ଏହାବ୍ୟତୀତ ପଦ୍ଧତିଗତ ବିନିଯୋଗ ଯୋଜନା (ଏସଆଇପିଏସ୍) ଖୁଚୁରା ବିନିଯୋଗକାରୀଙ୍କ ମଧ୍ୟରେ ବହୁଳଭାବେ ଲୋକପ୍ରିୟ ହେବାରେ ଲାଗିଛି। ରିପୋର୍ଟରେ ଆହୁରି କହିଛନ୍ତି ଯେ ମ୍ୟୁଚୁଆଲ ଫଣ୍ଡ ଜରିଆରେ ବିନିଯୋଗନେଇ ସଚେତନତା ବୃଦ୍ଧି ନିୟନ୍ତ୍ରକ ଓ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପାଉଥିବା ଯୋଗୁଁ ଆମେ ଭାରତୀୟ ଅଂଶଧନ ବଜାରକୁ ଆହୁରି ଅଧିକ ସଞ୍ଚୟ ପ୍ରବାହ ଆଶା କରିପାରିବା।

ଜେଫ୍ରିଜ ଆହୁରି କହିଛି ଯେ ଏକ ଶକ୍ତିଶାଳୀ ଅଭିବୃଦ୍ଧି। ଭାରତୀୟ ବଜାରରେ କଳେବର ବୃଦ୍ଧି ଓ ଉଚ୍ଚ ଲାଭ ଫେରସ୍ତର ରେକର୍ଡ ଯୋଗୁଁ ବୈଦେଶିକ ବିନିଯୋଗକାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଦକ୍ଷିଣ କୋରିଆର ବହୁ ରାଷ୍ଟ୍ରୀୟ କମ୍ପାନୀ(ହ୍ୟୁଣ୍ଡାଇ)କୁ ଭାରତର ଅନୁଗାମୀ ହେବାର ନିଷ୍ପତ୍ତି ଅନ୍ୟାନ୍ୟ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଆମ ଦେଶରେ ମଜବୁତ ଭାବେ ପାଦ ଥାପିବାକୁ ଆମନ୍ତ୍ରଣ କରିବ। ଯଦି ଆମାଜନ, ସାମସଙ୍ଗ, ଆପେଲ, ଟୟୋଟା ଇତ୍ୟାଦି ସେହି ଢାଞ୍ଚାରେ ଚିନ୍ତା କରନ୍ତି ତେବେ ଭାରତୀୟ ପୁଞ୍ଜିବଜାରରେ ଏହା ଏକ ବଡ ଧରଣର ପରିବର୍ତ୍ତନ ଘଟାଇବ' ବୋଲି ରିପୋର୍ଟ କହିଛି। ଅଧିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ନିରନ୍ତର ସଂସ୍କାର କାର୍ଯ୍ୟକ୍ରମକୁ ରିପୋର୍ଟରେ ପ୍ରଶଂସା କରାଯାଇଛି। ଦେଶର ବ୍ୟାବସାୟିକ ସୁଗମତା ନିମନ୍ତେ ମୋଦୀ ସରକାର ୨୦୧୪ ପରଠାରୁ ସଫଳତାର ସହ ସଂସ୍କାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ୨୦୧୭ରେ ଜିଏସ୍‌ଟି ସଂସ୍କାର ଦେଶବ୍ୟାପୀ ଏକୀକୃତ ଟିକସ ପରିପାଟୀ ଲାଗୁ କରିବା ଯୋଗୁଁ ୟୁରୋଜୋନ ଢାଞ୍ଚାରେ ଭାରତୀୟ ରାଜ୍ୟଗୁଡିକରେ ସେବା ଓ ଦ୍ରବ୍ୟ ପ୍ରକ୍ରିୟା ଚାଲିଛି। ଏହା ମଧ୍ୟ ବ୍ୟାଙ୍କ ପ୍ରଣାଳୀକୁ ଅନାଦେୟ ଋଣ ପ୍ରକ୍ରିୟାର ଅନ୍ତ ଘଟାଇଛି। ରିଏଲ ଇଷ୍ଟେଟ ନିୟନ୍ତ୍ରଣ ଆଇନ (ରେରା) ୨୦୧୭ ବିଶାଳ, ଅସଂଗଠିତ ସମ୍ପତ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଣିଛି ବୋଲି ରିପୋର୍ଟ କହିଛି। ଉପସଂହାରରେ ରିପୋର୍ଟ ଦର୍ଶାଇଛି ଯେ ବିଶ୍ୱର ଭୂରାଜନୈତିକ ଅସନ୍ତୋଷ ମଧ୍ୟରେ ମଧ୍ୟ ଭାରତ ଜି-୭ ସହ ଉତ୍ତମ ବୁଝାମଣା କରିବା ତଥା ବ୍ରିକ୍ସ ସଦସ୍ୟଭାବେ ସଫଳ ହେବା ଓ ନୂଆଦିଲ୍ଲୀରେ ଗତ ସେପ୍ଟେମ୍ବରରେ ଜି-୨୦ ଶିଖର ସମ୍ମିଳନୀକୁ ବିଶ୍ୱବ୍ୟାପୀ ପ୍ରଶଂସା କରିଛନ୍ତି।

## ଖିମ୍‌ଜୀ ଜୁଏଲର୍ସ ଫ୍ଲାଗସିପ ଷ୍ଟୋରର ବାର୍ଷିକୀ ପାଳନ

# ଗଢ଼ାମଜୁରୀ ଉପରେ ଫ୍ଲାଟ ୫୦% ରିଆତି



**ଭୁବନେଶ୍ୱର,୨୨।୨(ସମିସ) :** ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏହାର ଫ୍ଲାଗସିପ୍ ଷ୍ଟୋରର ମାଇଲଖୁଣ୍ଟ ବାର୍ଷିକୀ ପାଳନ ଅବସରରେ ସମ୍ମାନଜନକ ଗ୍ରାହକମାନଙ୍କ ପାଇଁ ଏକ ଚମତ୍କାର ଅଫର ଉନ୍ମୋଚନ କରାଯାଇଛି। ଜନପଥ, ଚନ୍ଦ୍ରଶେଖରପୁର ଓ ସୌଭାଗ୍ୟ ନଗରଠାରେ ଥିବା ଖିମ୍‌ଜୀ ଜୁଏଲର୍ସର ତିନୋଟି ଷ୍ଟୋରରେ ଉଭୟ ସୁନା ଓ ହୀରା ଅଳଙ୍କାର ପାଇଁ ଗଢ଼ାମଜୁରୀ ଉପରେ ଫ୍ଲାଟ ୫୦% ରିଆତି ସହ ଏକ ନିଆରା ସପିଂ ଅନୁଭୂତିରେ ସାମିଲ ହେବାକୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ଅସାଧାରଣ ଅଫର ଗ୍ରାହକମାନଙ୍କୁ ଯଥେଷ୍ଟ ସଞ୍ଚୟ ଉପଭୋଗ କରିବା ସହିତ ଏକ ଶପିଂ ମହୋତ୍ସବରେ ଯୋଡ଼ି ହେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ପ୍ରଥମ ଥର ପାଇଁ ଖିମ୍‌ଜୀ ଜୁଏଲର୍ସ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରିହାତି ପ୍ରଦାନ କରୁଛି ଯାହା ଅତୁଳନୀୟ ମୂଲ୍ୟର ପ୍ରତିଶ୍ରୁତି ଦେଉଛି। ୮୮ ବର୍ଷର ପରମ୍ପରା ସହିତ ଖିମ୍‌ଜୀ ଜୁଏଲର୍ସ ଏହାର ଉତ୍କୃଷ୍ଟ ଡିଜାଇନ୍ ପାଇଁ ଜଣାଶୁଣା ଯାହା ପିଢ଼ି ପିଢ଼ି ଧରି ସତର୍କତାର ସହ ପ୍ରସ୍ତୁତ କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ, 'ହୀରା ଏବଂ ସୁନାରୁ ନିର୍ମିତ ଅଳଙ୍କାର ଏକ କାଳଜୟୀ ଆକର୍ଷଣ ରଖୁଛି, ଯାହା ଏହାର ସୌନ୍ଦର୍ଯ୍ୟପୂର୍ଣ୍ଣ ଆକର୍ଷଣ ସହିତ ଐତିହ୍ୟ ଏବଂ ସମୃଦ୍ଧିର ପ୍ରତିନିଧିତ୍ୱ କରୁଛି। ଆମର ମୂଲ୍ୟବାନ ଗ୍ରାହକଙ୍କ ପାଇଁ ଏହି ସ୍ୱତନ୍ତ୍ର ଡିଲକୁ ବିସ୍ତାର କରି ଆମେ ଆନନ୍ଦିତ। ଗ୍ରାହକ ସନ୍ତୁଷ୍ଟି ଉପରେ ନିରନ୍ତର ଧ୍ୟାନ ଦେଇ ଆମ ବ୍ରାଣ୍ଡ, ଅନନ୍ୟ ପସନ୍ଦ ଏବଂ ଆବଶ୍ୟକତା ପୂରଣକରି ଆଶାଠାରୁ ଅଧିକ କରିବାକୁ ଚେଷ୍ଟା କରୁଛି।

## ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌ର 'ମେକ୍ ଇନ୍ ଓଡ଼ିଶା'କୁ ସମର୍ଥନ

ଭୁବନେଶ୍ୱର, ୨୨।୨(ସିମସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡିକ ରାଜ୍ୟର ଶିଳ୍ପ ବିକାଶକୁ ସମର୍ଥନ ଦେବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଟିପି ସେଣ୍ଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦ୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ଭଳି ଡିସ୍‌କମ୍‌ଡ଼ିକ ଭରସାଯୋଗ୍ୟ ଓ ସୁଲଭ ବିଦ୍ୟୁତ ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା ଲକ୍ଷ୍ୟକୁ ସମର୍ଥନ ଦେଉଛନ୍ତି। ଅଧିଗ୍ରହଣ କରିବା ପରଠାରୁ ତିନି ବର୍ଷ ଭିତରେ ଏହି ଡିସ୍‌କମ୍‌ଗୁଡ଼ିକ ରାଜ୍ୟରେ ୫୯୪୩ ଶିଳ୍ପକୁ ସଂଯୋଗ ପ୍ରଦାନ କରି ଇସ୍ପାତ, ଆଇଟି, ଆଲୁମିନିୟମ, ସିମେଣ୍ଟ ଓ ଖଣି ସମେତ ଖାଦ୍ୟ, ମତ୍ସ୍ୟ ଚାଷ ଏବଂ ଅଟୋମୋବାଇଲ୍ ଭଳି ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଇଛନ୍ତି। ଏହା ଶିଳ୍ପ ସଂସ୍ଥା ସ୍ଥାପନ କରିବା କାର୍ଯ୍ୟକୁ ସହଜ କରିଥିବା ବେଳେ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହୋଇଛି। ବିଦ୍ୟୁତ ସଂଯୋଗ ହାସଲ ସହଜ କରିବା ଲାଗି ଡିସ୍‌କମ୍‌ଗୁଡ଼ିକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ରାଜ୍ୟରେ 'ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ'କୁ ସକ୍ଷମ କରିଛି। ଏକ ନୂଆ ବିଦ୍ୟୁତ ସଂଯୋଗ ହାସଲ କରିବାରେ ଏବେ ମାତ୍ର ଚାରିଟି ସୋପାନ ରହିଛି। ତାହା ହେଉଛି ପଞ୍ଜୀକରଣ, କାଗଜପତ୍ର ଦାଖଲ, ପେମେଣ୍ଟ ଓ ଭେରିଫିକେସନ ଏବଂ ମିଟର ସଂସ୍ଥାପନ।

## କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୨।୨(ସମିସ):** କ୍ରେଡାଇ ଭୁବନେଶ୍ୱର ସିଟି ଚାପ୍ଟର ପକ୍ଷରୁ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଗାଡ଼କଣ ରେଲୱେ ହାଇସ୍କୁଲ ପରିସରରେ ଚାରା ରୋପଣ କରାଯାଇଛି। ଚାପ୍ଟର ପକ୍ଷରୁ ସ୍କୁଲକୁ ଏକ ଜଳବିଶୋଧନକାରୀ ମେସିନ୍ ପ୍ରଦାନ କରାଯାଇଛି। ଏଥିରେ ବିଧାୟକ ସୁଶାନ୍ତ କୁମାର ରାଉତ ,ବଂ କର୍ପୋରେଟର ଜୟନ୍ତୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। କ୍ରେଡାଇ ରାଜ୍ୟ ସଂଘ ଅଧ୍ୟକ୍ଷ ଦେବ ଶଙ୍କର ତ୍ରିପାଠୀ, କ୍ରେଡାଇ ଭୁବନେଶ୍ୱର ସଭାପତି ଶୋଫିଆ ଫିରଦେଶ, ଉପସଭାପତି ସୌମ୍ୟଜିତ୍ ମହାନ୍ତି, ସମ୍ପାଦକ ଜଗତ୍ କୁମାର କର, ଯୁଗ୍ମ ସଚିବ ଜ୍ୟୋତି ରଞ୍ଜନ ବେହୁରିଆ ଏବଂ ମନମୋହନ ଅଗ୍ରୱାଲ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ କମଳ ଲୋଚନ ପାତ୍ର, ଶେଖ୍ ମୈରାଜୁଲ୍ ହକ୍ ଏବଂ କଞ୍ଜୀଷ୍ଟର ଜେନାପ୍ରମୁଖ ଉପସ୍ତିତ ଥିଲେ।

# ମହିଳା ଓ ଶିଶୁ ଚିକିତ୍ସାର ଅନନ୍ୟ ଠିକଣା ଅଙ୍କୁରା ହସ୍ପିଟାଲ

## ରାଜଧାନୀରେ ଖୋଲିଲା ୧୨୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କେନ୍ଦ୍ର

**ଭୁବନେଶ୍ୱର, ୨୨।୨(ସିମସ):** ଏଣିକି ରାଜଧାନୀର ମହିଳା ଏବଂ ଶିଶୁମାନେ ଯେ କୌଣସି ପ୍ରକାର ଆପଦପୂର୍ଣ୍ଣ ପରିସ୍ଥିତିରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ। କାରଣ ରାଜଧାନୀ ଭୁବନେଶ୍ୱରରେ ଏବେ ଖୋଲିଛି ମହିଳା ଓ ଶିଶୁ ଚିକିତ୍ସାର ଅନନ୍ୟ କେନ୍ଦ୍ର ଅଙ୍କୁରା ହସ୍ପିଟାଲ। ହାଇଦ୍ରାବାଦର ଏହି ନାମୀ ମହିଳା ଓ ଶିଶୁ ହସପିଟାଲ ଏଠାରେ ଉଚ୍ଚ ଆପଦପୂର୍ଣ୍ଣ ଶିଶୁ, ପ୍ରେଡିଆଟ୍ରିକ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି,ଶିଶୁ ସ୍ନାୟବିକ ବିଜ୍ଞାନ, ଅର୍ଥୋପେଡିକ୍ସ, କ୍ୟାନସର ଓ ଜରୁରିକାଳୀନ ଚିକିତ୍ସା ପାଇଁ ୧୨୦ ଶଯ୍ୟା ସହ ଚିକିତ୍ସା ସେବା ଆରମ୍ଭ କରିଛି। ଅଙ୍କୁରା ହସ୍ପିଟାଲ ମହିଳା ଓ ଶିଶୁମାନଙ୍କ ପାଇଁ ବିଶେଷ ସୁବିଧା ଯୋଗାଇବା ଲାଗି ପ୍ରସ୍ତୁତ ହୋଇଛି। ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା ହସ୍ପିଟାଲର ମୁଖ୍ୟ ଲକ୍ଷ୍ୟ। ଅଙ୍କୁରା ହସ୍ପିଟାଲ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଦେଶର ତିନୋଟି ରାଜ୍ୟରେ ୧୪ଟି କେନ୍ଦ୍ର ଜରିଆରେ ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇଆସୁଛି, ଯାହାକି ଏବେ ହସ୍ପିଟାଲର ୟୁଏସ୍ପି ପାଲଟିଛି। ଏହାକୁ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାଂସଦ ଅମର ପଟ୍ଟନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା,ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍ସି ମେୟର ସୁଲୋଚନା ଦାସ, କର୍ପୋରେଟର କବିତା



ସ୍ୱାଇଁ, ନିର୍ଦ୍ଦେଶକ (ଗ୍ରାମ୍ୟ ବିକାଶ) ନିଖିଳ ପବନ କଲ୍ୟାଣ, ଏମ୍ପି ଲଭୁ ଶ୍ରୀ କ୍ରିଷନ ଦେବରାୟାଲୁ ଓ ଅଙ୍କୁରା ହସପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ.କ୍ରିଷନ ପ୍ରସାଦ ଭୁନାମ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସ୍ୱତନ୍ତ୍ର ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ସହ ଜରୁରୀକାଳୀନ ଚିକିତ୍ସା ସେବା ମଧ୍ୟରେ ସୁବ୍ୟବସ୍ଥିତ ଆମ୍ବୁଲାନ୍ସ, ରୋଗୀ ପରିବହନ ସେବା, ଫାର୍ମାସୀ, ପରୀକ୍ଷାଗାର ଓ ଗୋଟିଏ ଛାତ ତଳେ ରେଡିଓଲୋଜି ସେବା ଉପଲବ୍ଧ। ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ପରେ ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଙ୍କୁରା ହସ୍ପିଟାଲ ଏକ ବିରାଟ ପରିବର୍ତ୍ତନ ଆଣିବାକୁ ଯାଉଛି। ଶୁଭାରମ୍ଭ ଅବସରରେ ଡ. କୃଷ୍ଣପ୍ରସାଦ ଭୁନାମ କହିଛନ୍ତି, ଅଙ୍କୁରା ହସପିଟାଲ ରୋଗୀ ସେବା ଉପରେ ସର୍ବଦା ଧ୍ୟାନ ଦେଇଆସିଛୁ। ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବା କ୍ଷେତ୍ରର ଏହା କାର୍ଯ୍ୟ କରିବ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆମେ ନିରନ୍ତର ପ୍ରତିବଦ୍ଧତା ପୂରଣ କରିଆସିଛୁ ଏହାକୁ ମଧ୍ୟ ଓଡ଼ିଶାରେ ପ୍ରତିଫଳିତ କରିବୁ। ଆମର ଏହି ରୋଗୀ କେନ୍ଦ୍ରିତ ଚିକିତ୍ସା କ୍ଲିନିକାଲ ଉତ୍କର୍ଷତା ଉପରେ ନିର୍ଭର କରିବ ବୋଲି ସେ କହିଛନ୍ତି।

## ବିର୍ଲା ଓପସ୍ ପେଣ୍ଟସର ଶୁଭାରମ୍ଭ

**ଭୁବନେଶ୍ୱର,୨୨।୨(ଏ(ସମିସ):** ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ନୂଆ ଡେକୋରେଟିଭ୍ ପେଣ୍ଟସ ବ୍ରାଣ୍ଡ ବିର୍ଲା ଓପସ୍ ପେଣ୍ଟସ ଅଧୀନରେ ନୂଆ ଉତ୍ପାଦ ଓ ସେବାର ଶୁଭାରମ୍ଭ କରିଛନ୍ତି। କମ୍ପାନୀ ତିନି ବର୍ଷ ଭିତରେ ପୂର୍ଣ୍ଣ ଦକ୍ଷତାର ସହ କାର୍ଯ୍ୟ କରି ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ଜରିଆରେ କମ୍ପାନୀ ୮୦,୦୦୦ କୋଟି ଟଙ୍କାର ଭାରତୀୟ ଡେକୋରେଟିଭ୍ ପେଣ୍ଟସ ବଜାରରେ ପ୍ରବେଶ କରିଛି। କମ୍ପାନୀ ୧୦,୦୦୦ କୋଟି ଟଙ୍କା ନିବେଶ କରି ଏହାର ପ୍ରମୁଖ କମ୍ପାନୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିର୍ଲା ଓପସ୍ ବ୍ୟବସାୟ ସ୍ଥାପନ କରିଛି। ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା କହିଛନ୍ତି ଯେ,ଭାରତ ଆଜି ଗତିଶୀଳତା, ଦୁଃସାହସିକତା ଏବଂ ପରିବର୍ତନ ଆଗ୍ରହରେ ପରିପୂର୍ଣ୍ଣ। ଏହି ଭାରତ ଆମର ପେଣ୍ଟ ଉଦ୍ୟୋଗ ବିର୍ଲା ଓପସରେ ପ୍ରତିଫଳିତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍ର କୋଠା ଉପକରଣ ବ୍ୟବସ୍ଥା ବିଷୟରେ ଗଭୀର ବୁଝାମଣା ଆମକୁ ଏକ ଅନନ୍ୟ ସୁବିଧା ପ୍ରଦାନ କରୁଛି। ତେଣୁ ବିର୍ଲା ଓପସ୍ ବର୍ତ୍ତମାନର କ୍ଷମତାଠାରୁ ୪୦% ବୃଦ୍ଧି ସହିତ ରଙ୍ଗ ଶିଳ୍ପରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ। ବିଶ୍ୱର କୌଣସି ପେଣ୍ଟ କମ୍ପାନୀ ଏକକାଳୀନ କାରଖାନା, ପରିଚାଳନା, ଉତ୍ପାଦ ଏବଂ ସେବା ଆରମ୍ଭ କରିନାହିଁ। ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ବିର୍ଲା ଓପସ୍‌କୁ ଏକ ବ୍ୟାପକ ଷ୍ଟାର୍ଟଅପ୍ ଭାବରେ ଦେଖିବା ଉଚିତ୍। ଏହା ଏକ ଷ୍ଟାର୍ଟଅପ୍ ର ଚପଳତା, ଶକ୍ତି ଏବଂ ବ୍ୟୟବହୁଳତାକୁ ଏକ ସ୍ଥିର ଏବଂ ଗତିଶୀଳ ଗୋଷ୍ଠୀର ଦୃଢ଼ତା,ଭରସାଯୋଗ୍ୟତା ଓ ବ୍ରାଣ୍ଡ ସୁଦୃଢ଼ତା ସହିତ ମିଶ୍ରଣ କରିଛି।

## ବଡବିଲର ୧୪୭ ଛାତ୍ରୀଙ୍କୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ବେଟି ପଢ଼ାଓ ସ୍କଲାରସିପ୍




**ଭୁବନେଶ୍ୱର,୨୨।୨(ସମିସ) :** ଆର୍ସେଲରମିତ୍ତଲ ନିଜନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ବଡ଼ବିଲସ୍ଥିତ ରୁଙ୍ଗଟା ଟାଉନ୍ ହଲର ଅଡିଟୋରିୟମ୍‌ରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ବଡ଼ବିଲ ଅଞ୍ଚଳର ୧୪୭ ଜଣ ଛାତ୍ରଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରିଛି । ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସ୍ଆର୍ ପ୍ରକଳ୍ପ ବେଟି ପଢ଼ାଓ ସ୍କଲାରସିପ୍ର ଲକ୍ଷ୍ୟ ହେଉଛି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଆକାଂକ୍ଷା ପୂରଣ କରିବା ପାଇଁ ବୃତି ପ୍ରଦାନ କରି ଶିକ୍ଷାରେ ଥିବା ଅର୍ଥର ବାଧକତାକୁ ଦୂର କରିବ । କନ୍ୟା ସନ୍ତାନର ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ସହିତ ଏହି ପଦକ୍ଷେପ ଯୋଡ଼ି ହୋଇଛି । ନବମ ଶ୍ରେଣୀ ଛାତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ମେଡିକାଲ, କୃତିଗତ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଙ୍କୁ ଏହି ବୃତି ପ୍ରଦାନ କରାଯାଇଛି। ଏଏମ୍ ଏସ୍‌ଏସ୍ ଇଣ୍ଡିଆର ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା, ଗୁଜରାଟ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରର ଯୁବତୀମାନଙ୍କୁ ବୃତି ପ୍ରଦାନ କରାଯାଇଥିବା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବଡ଼ବିଲ ଖଣି ଅପରେସନ୍ ମୁଖ୍ୟ ଶରଣନା କାମ୍ବଲି କହିଛନ୍ତି।

## ଆଇଆଇଏମ-ଅହମ୍ମଦାବାଦ ଅନ୍‌ଲାଇନ୍ ସପିଂ ରିପୋର୍ଟ

# ମହିଳାଙ୍କ ତୁଳନାରେ ପୁରୁଷ କରିଥାନ୍ତି ଅଧିକ ସପିଂ

ନୂଆଦିଲ୍ଲୀ,୨୨।୨(ଏଜେନ୍ସି)

ଭାରତରେ ଏକ ସାଧାରଣ ଧାରଣା ରହିଛି ଯେ ମହିଳାମାନେ ପୁରୁଷଙ୍କ ଅପେକ୍ଷା ଶପିଂ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିଥାନ୍ତି। କିନ୍ତୁ,

■ ଅନଲାଇନ୍ ସପିଂରେ ଅଧିକ ସମୟ ବିତାଉଛନ୍ତି ମହିଳା

■ ୮୭% ଗ୍ରାହକ ନେଉଛନ୍ତି 'କ୍ୟାଶ ଅନ୍ ଡେଲିଭରି' ସୁବିଧା

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଅହମ୍ମଦାବାଦ ପକ୍ଷରୁ କରାଯାଇଥିବା ଏକ ଅନୁସନ୍ଧାନ ରିପୋର୍ଟ ଏ ସମ୍ପର୍କରେ ଏକ ଭିନ୍ନ ଚିତ୍ର ପ୍ରକାଶ କରିଥାଏ। ଏହି ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅନଲାଇନ୍ ସପିଂରେ ଅଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି। ଏହି ସର୍ଭେରେ ୨୫ଟି ରାଜ୍ୟରୁ ୩୫ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା।

'ଡିଜିଟାଲ୍ ରିଟେଲ୍ ଚ୍ୟାନେଲ୍ ଏବଂ ଗ୍ରାହକ ଭାରତୀୟ ଦୃଷ୍ଟିକୋଣ' ଶୀର୍ଷକ ଏହି ରିପୋର୍ଟରେ ଭାରତୀୟଙ୍କ ଅନଲାଇନ୍ ଶପିଂର ଅନେକ ଦିଗ ଦର୍ଶାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ ୪୭ ପ୍ରତିଶତ ପୁରୁଷ ଏବଂ ୫୮ ପ୍ରତିଶତ ମହିଳା ଫ୍ୟାଶନ୍ ପୋଷାକ କିଣୁଥିବାବେଳେ ୨୩ ପ୍ରତିଶତ ପୁରୁଷ ଏବଂ ୧୬ ପ୍ରତିଶତ ମହିଳା ଇଲେକ୍ଟ୍ରୋନିକ୍ ଉପକରଣ ପାଇଁ ଶପିଂ କରିଥାନ୍ତି। ଜୟପୁର, ଲକ୍ଷ୍ନୌ, ନାଗପୁର ଏବଂ କୋଚି ପରି ଟିୟର-୨ ସହରର ଗ୍ରାହକମାନେ ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇ ପରି ଟିୟର-୧ ସହରର ଗ୍ରାହକଙ୍କ ଅପେକ୍ଷା ଫ୍ୟାଶନ୍ ଏବଂ ଇଲେକ୍ଟ୍ରୋନିକ୍



ଉପକରଣରେ ଅଧିକ ଖର୍ଚ୍ଚ କରୁଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଏହି ଅନୁସନ୍ଧାନ ରିପୋର୍ଟରେ ଜଡିତ ପୁରୁଷମାନେ ହାରାହାରି ୨୪୮୪ ଟଙ୍କା ଖର୍ଚ୍ଚ କରୁଥିବାବେଳେ ମହିଳାମାନେ ୧୮୩୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ପୁରୁଷମାନେ ୩୬ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ହାରାହାରି ମହିଳାମାନେ ଅନଲାଇନ୍ ସପିଂରେ କମ୍ ଖର୍ଚ୍ଚ କରିପାରନ୍ତି କିନ୍ତୁ ମହିଳାମାନେ ପୁରୁଷଙ୍କ ଅପେକ୍ଷା ଅନଲାଇନ୍ ସପିଂରେ ଅଧିକ ସମୟ ବିତାଉଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଟାୟାର୍-୨ ସହରରେ ଗ୍ରାହକଙ୍କ ମୁଣ୍ଡପିଛା ବିଶେଷ ଫ୍ୟାଶନ୍ ଏବଂ ପୋଷାକ ଉତ୍ପାଦରେ ଖର୍ଚ୍ଚ ଅଧିକ ରହିଛି। ଯଦିଓ ଅଧିକ ଶପିଂ ଟିୟର -୩ ଏବଂ ଟିୟର -1 ସହରରୁ ଆସିଥାଏ।

ଅନୁସନ୍ଧାନରୁ ଏହା ଜଣାପଡିଛି ଯେ ଟିୟର -୨, ଟିୟର -3 ଏବଂ ଟିୟର -୪ ସହରର ଗ୍ରାହକମାନେ ଅନଲାଇନ୍ ସପିଂ ପାଇଁ ୧୮୭୦, ୧୪୪୮ ଏବଂ ୨୦୩୪ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଟିୟର -୧ ସହରର ଗ୍ରାହକମାନେ ୧,୧୧୯ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ସର୍ଭେରେ ଅନ୍ୟ ଏକ ମଜାଦାର ରିପୋର୍ଟ ସାମ୍ନାକୁ ଆସିଛି, ପ୍ରାୟ ୮୭ ପ୍ରତିଶତ ଗ୍ରାହକ ଫ୍ୟାଶନ ଜିନିଷ ଓ ପୋଷାକ କିଣିବାବେଳେ କ୍ୟାସ ଅନ୍ ଡେଲିଭରୀ ବିକଳ୍ପକୁ ଆପଣାଉଛନ୍ତି। ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, କୋଭିଡ -୧୯ ମହାମାରୀ ୨୦୨୦ଠାରୁ ଅନଲାଇନ୍ ଶପିଂର ଲୋକପ୍ରିୟତା ଯଥେଷ୍ଟ ବଢ଼ିଛି।

